ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.179 Bhubaneswar Friday September 02 2022 | ୨୫ତମ ବର୍ଷ ସଂଖ୍ୟା–୧୭୯ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେରଳ ଗସ୍ତ ଅବସରରେ ସାଧାରଣ ଜନତାଙ୍କ ପକ୍ଷରୁ ଉତ୍ସର୍ଶିତ ସମ୍ବର୍ଦ୍ଧନା ଜ୍ଞାପନ

## ୫ ତାରିଖ ପରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୧।୯(ପି.ଏନ): ଆସନ୍ତା ୫ ତାରିଖ ପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଏମଡିର ସୂଚନା ଅନୁଯାୟୀ ପଶ୍ଚିମ କେନ୍ଦ୍ରୀୟ ଓ ଉତର ପଶ୍ଚିମ ବଙ୍ଗୋପ ସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ସେପ୍ଟେମ୍ବର ମାସ ପାଇଁ ପାଣିପାଗ ଆକଳନ ଅବସରରେ ଏହି ପୂର୍ବାନୁମାନ କରିଛି ଆଇଏମ୍‌ଡି। ସେହିପରି ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଦୁର୍ବଳ ମୌସୁମୀ ଜାରି ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ତେବେ ୫ ତାରିଖ ପରେ ବର୍ଷାର ପରିମାଣ ବଢ଼ିବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ଅଂଚଳରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଚାଷୀଙ୍କ ଆକାଉଂଟକୁ ଗଲା କାଳିଆ ଟଙ୍କା



ଭୁବନେଶ୍ୱର, ୧।୯(ପି.ଏନ): ପବିତ୍ର ନୂଆଖାଇ ଅବସରରେ ଚାଷୀଙ୍କ ଆକାଉଂଟକୁ ଯାଇଛି କାଳିଆ ଟଙ୍କା। କାଳିଆ ଯୋଜନାର କିସ୍ତି ବାବଦରେ ଚାଷୀଙ୍କ ଆକାଉଂଟକୁ ୨ ହଜାର ଟଙ୍କା ଲେଖାଏଁ ପଠାଯାଇଛି। ଚାଷୀଙ୍କୁ ୮୬୯ କୋଟି ଟଙ୍କାର ସହାୟତା ଦିଆଯାଇଛି। ଏହାଦ୍ୱାରା ରାଜ୍ୟର ୪୧ ଲକ୍ଷ ଛୋଟ ଚାଷୀ ଓ ୮୫ ହଜାର ଭୂମିହୀନ ଚାଷୀ ଉପକୃତ ହେବେ। ନୂଆଖାଇର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ନୂଆଖାଇ ମାଟି ମା'ର ପର୍ବ। ଆମର ଚାଷୀ ଭାଇ ମାନଙ୍କ ପରିଶ୍ରମ ଯୋଗୁ ଆମେ ସମସ୍ତେ ମାଟି ମା'ର ଆଶୀର୍ବାଦ ପାଉ। ତେଣୁ ଚାଷୀ ଆମର ଗର୍ବ ଓ ଗୌରବ। ଏହି ପବିତ୍ର ଦିନରେ ମୋର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ କାଳିଆ ସହାୟତା ପ୍ରଦାନ କରି ମୁଁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କାଳିଆ ଯୋଜନା ଦେଶର ସବୁଠାରୁ ଭଲ ଯୋଜନା। ଛୋଟ ଚାଷୀ ମାନଙ୍କ ପାଇଁ ଏହା ଆଶା ଓ ଭରସା ସୃଷ୍ଟି କରିପାରିଛି। ଭୂମିହୀନ ଚାଷୀ ମାନଙ୍କ ଜୀବିକାର ସୁରକ୍ଷା ପାଇଁ ମଧ୍ୟ ଏହା ବହୁତ ସାହାଯ୍ୟ କରୁଛି। ଗତ ମେ ମାସରେ ଅକ୍ଷୟ ତୃତୀୟା ଅବସରରେ ମଧ୍ୟ ଆମ ଚାଷୀ ଭାଇ ମାନଙ୍କୁ ୮୦୦ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଥିଲା। ଏହି ସହାୟତା ଚାଷ କାମକୁ ଆଗେଇ ନେବାରେ ବହୁତ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଚଳିତ ବନ୍ୟା ଯୋଗୁ ଆପଣମାନେ ସମସ୍ତେ ଚିନ୍ତାରେ ଅଛନ୍ତି। ମୁଁ ସବୁ ସମୟରେ ଆପଣମାନଙ୍କ ସାଥିରେ ଅଛି। ଶୀଘ୍ର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ ଶୀଘ୍ର ଫସଲ କ୍ଷତି ପାଇଁ ସହାୟତା ଯୋଗାଇ ଦିଆଯିବ। ଓଡିଶାର ଗୌରବକୁ ଆମର ଚାଷୀଭାଇ ମାନେ ଉଜ୍ଜଳ କରିଛନ୍ତି। ଖାଦ୍ୟ ସୁରକ୍ଷାରେ ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ତେଣୁ ରାଜ୍ୟର ସବୁ ଲୋକ ଚାଷୀଭାଇଙ୍କ ନିକଟରେ ଋଣୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୬ରେ ଭୁବନେଶ୍ୱର ଫେରିବେ ମୁଖ୍ୟମନ୍ତ୍ରୀ, ଭବ୍ୟ ସ୍ୱାଗତ ପାଇଁ ବିଜେଡିର ପ୍ରସ୍ତୁତି ଆରମ୍ଭ


ଭୁବନେଶ୍ୱର, ୧।୯(ପି.ଏନ): ଆସନ୍ତା ୪ ତାରିଖରେ ନୂଆଦିଲ୍ଲୀର କ୍ୟାପିଟାଲ୍ ଫାଉଣ୍ଡେସନ୍ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ସମ୍ମାନ ଗ୍ରହଣ କରିବା ପରେ ୬ ତାରିଖରେ ଫେରିବା ପରେ ତାଙ୍କୁ ଭୁବନେଶ୍ୱରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ ବୋଲି ବିଧାୟକ ଦେବୀ ମିଶ୍ର ସୂଚନା ଦେଇଛନ୍ତି। ନବୀନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବିଜେଡି ପକ୍ଷରୁ ବଡ଼ ପ୍ରସ୍ତୁତି ଆରମ୍ଭ ହୋଇଛି। ବର୍ତମାନ ଠାରୁ ସାମାଜିକ ଗଣମାଧ୍ୟମରେ ଏହାର ବ୍ୟାପକ ପ୍ରଚାର, ପ୍ରସାର ଆରମ୍ଭ ହୋଇଯାଇଛି। ନବୀନ ପୁରସ୍କାର ପାଇଲା ପରେ ତାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ନୂଆଦିଲ୍ଲୀରୁ ଭୁବନେଶ୍ୱର ଯାଏ ସ୍ୱତନ୍ତ୍ର ଆୟୋଜନ କରାଯାଉଛି। ଏଥିପାଇଁ ଦଳୀୟ ନେତାଙ୍କୁ ଦାୟିତ୍ୱ ବିବଂଟାଯାଇଛି। ଏନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ ହେବା ଓଡ଼ିଶାବାସୀଙ୍କ ପାଇଁ ଗର୍ବର କଥା। ୪ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟରରେ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ଗ୍ରହଣ କରିବେ। ସେଠାରେ ଉପସ୍ଥିତ ରହିବା ପାଇଁ ୫ ନେତାଙ୍କୁ ଦିଲ୍ଲୀ ଯିବାକୁ କୁହାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ କୁମାର ସାହୁ, ବ୍ୟୋମକେଶ ରାୟ ଓ ଦେବୀରଂଜନ ତ୍ରିପାଠୀ ପ୍ରମୁଖ ୨ ତାରିଖରେ ଦିଲ୍ଲୀ ଯିବେ। ଉତ୍ସବ ସ୍ଥଳରେ ନୂଆଦିଲ୍ଲୀର ଜଣାଶୁଣା ପ୍ରବାସୀ ଓଡ଼ିଆମାନଙ୍କୁ ଡକାଯିବାକୁ ଯୋଜନା କରାଯାଇଛି।

## ବିନା ଲାଇସେନ୍ସରେ ଚାଲିଛି ଖାଦ୍ୟ ବ୍ୟବସାୟ, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିସ୍ତେଜ

ଭଦ୍ରକ, ୧।୯(ପି.ଏନ): ଭଦ୍ରକ ପୌରାଞ୍ଚଳରେ ମାଳ ମାଳ ହୋଟେଲ, ରେଷ୍ଟୁରାଣ୍ଟ। ଏଥିସହିତ ଶତାଧିକ ଠେଲା ବ୍ୟବସାୟୀ ସକାଳେ ସନ୍ଧ୍ୟାରେ ଜଳଖିଆ ବେପାର କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏପରି ବ୍ୟବସାୟକୁ ନେଇ ବେପାରୀମାନେ ବେଶ୍ ଲାଭବାନ ହେଉଥିବାବେଳେ ସାଧାରଣ ଖାଉଟି ନିଜ ଅଜାଣତରେ ରୋଗକୁ ନିମନ୍ତ୍ରଣ କରି ଚାଲିଛନ୍ତି। ୯୦ ପ୍ରତିଶତ ହୋଟେଲ, ରେଷ୍ଟୁରାଣ୍ଟ ଓ ଠେଲା ଜଳଖିଆ ଦୋକାନୀ ସରକାରୀ ମାର୍ଗଦର୍ଶିକାକୁ ପାଳନ କରୁନାହାଁନ୍ତି। ସେମାନେ ନିୟମିତ ଭାବରେ ବସି ପଚାସଢ଼ା ଖାଦ୍ୟ ବିକ୍ରି କରୁଛନ୍ତି। ଆଉ ପାନୀୟ ଜଳ ମଧ୍ୟ ଦେଉନାହାଁନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ଗୁରୁଦାୟିତ୍ୱ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। କର୍ମଚାରୀ ଅଭାବ ଦର୍ଶାଇ ବିଭାଗୀୟ ଅଧିକାରୀ ନିରବ ରହୁଛନ୍ତି। ଏହାର ସତ୍ୟତା ମଧ୍ୟ ରହିଛି। କାରଣ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମାତ୍ର ୩ ଜଣ କର୍ମଚାରୀ ଅଛନ୍ତି। ଏହି ୩ ଜଣଙ୍କୁ ନେଇ ଜିଲାର ୭ଟି ବ୍ଲକ୍ ଓ ୪ଟି ନଗର ଅଂଚଳରେ ଶତାଧିକ ହୋଟେଲ, ଠେଲା ବ୍ୟବସାୟଙ୍କ ଖାଦ୍ୟର ମାନ ଓ ସରକାରୀ ମାର୍ଗଦର୍ଶିକା ପାଳନ କରୁଛନ୍ତି କି ନାହିଁ ତାହା ପରଖିବା ସମ୍ଭବ ହୋଇପାରୁନାହିଁ। ତେବେ ହୋଟେଲ ହେଉ କିମ୍ବା ଯେକୌଣସି ପ୍ରକାର ଖାଦ୍ୟ ପରିବେଷଣ କରୁଥିବା ବ୍ୟବସାୟୀ ହୁଅନ୍ତୁ, ସରକାରୀ ନିୟମ ଅନୁଯାୟୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଲାଇସେନ୍ସ ନେବା ବାଧ୍ୟତାମୂଳକ। ହେଲେ ସମଗ୍ର ଜିଲାରେ ଏହି ସରକାରୀ ନିୟମ ପ୍ରହସନ ପାଲଟିଛି। ଭଦ୍ରକ ପୌରାଞ୍ଚଳରେ ଶତାଧିକ ହୋଟେଲ, ରେଷ୍ଟୁରାଣ୍ଟ ଓ ରାସ୍ତାକଡର ଠେଲା ବ୍ୟବସାୟୀ ଜଳଖିଆ ପ୍ରସ୍ତୁତ କରି ବ୍ୟବସାୟ କରୁଥିଲେ ମଧ୍ୟ ସେମାନେ ସରକାରୀ ନିୟମକୁ ମାନୁନାହାଁନ୍ତି। ରାସ୍ତାରେ ପ୍ରବଳ ଧୂଳି ଉଡୁଛି। ଏହା ଖୋଲାରେ ରଖି ବିକ୍ରି କରାଯାଉଥିବା ଖାଦ୍ୟ ପଦାର୍ଥରେ ମିଶୁଛି। ଏହାକୁ ଦେଖିବାକୁ କେହି ନାହାଁନ୍ତି। ଏହାବ୍ୟତୀତ ଅଧିକାଂଶ ସ୍ଥାନରେ ପଚାସଢ଼ା ଓ ବିଗତ ଦିନରେ ବିକ୍ରି ନହୋଇ ରହିଯାଇଥିବା ବାସି ଖାଦ୍ୟ ବିକ୍ରି କରାଯାଉଛି। ଖୋଦ୍ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବହୁ ବ୍ୟବସାୟୀ ହୋଟେଲ ବେପାର କରୁଛନ୍ତି। ଯେଉଁମାନଙ୍କର କୌଣସି ପ୍ରକାର ଖାଦ୍ୟ ଲାଇସେନସ୍ ନାହିଁ। ସରକାରୀ ସୂଚନା ଅନୁସାରେ ୧୨ ଲକ୍ଷ ଟଙ୍କାର ବ୍ୟବସାୟ କରୁଥିବା ବ୍ୟବସାୟୀ ସ୍ଥାନୀୟ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ୧୨ ରୁ ୩୦ ଲକ୍ଷ ଟଙ୍କା ବେପାର କରୁଥିବା ବ୍ୟବସାୟୀ ରାଜ୍ୟ ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ ଠାରୁ ଲାଇସେନସ୍ ନେବା ବାଧ୍ୟତାମୂଳକ। ହେଲେ ପୌରାଞ୍ଚଳରେ ଅଧିକାଂଶ ବ୍ୟବସାୟୀ ଏହି ନିୟମ ମାନିବାକୁ ନାରାଜ। ତେବେ ଏ ସମସ୍ତ ବ୍ୟବସାୟୀ ପ୍ରଚଳିତ ଖାଦ୍ୟ ସୁରକ୍ଷା ନିୟମକୁ ଖୁଲମଖୋଲା ଉଲ୍ଲଂଘନ କରିଚାଲିଥିଲେ ମଧ୍ୟ ସେମାନଙ୍କ ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ଯାହାର ପରିଣତି ଭୋଗୁଛନ୍ତି ସାଧାରଣ ଖାଉଟି।

## ଭୁବନେଶ୍ୱରରୁ କୋକେନ୍ ଜବତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ


ଭୁବନେଶ୍ୱର, ୧।୯(ପି.ଏନ): ରାଜଧାନୀ ଭୁବନେଶ୍ୱରରୁ ଗତ ଏପ୍ରିଲ ମାସରେ କୋକେନ୍ ଜବତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୁଲ୍‌ବେଶ୍ ଖାନ୍ ଓରଫ ହଜରତକୁ ଗିରଫ କରିଛି ପୁଲିସ୍। ଓଡିଶା ପୁଲିସ୍‌ର ଏସ୍‌ଟିଏଫ୍ ତାକୁ ଉତ୍ତର ପ୍ରଦେଶରୁ ଗିରଫ କରିଛି। ଉତ୍ତର ପ୍ରଦେଶ ପୁଲିସ୍‌ର ଏସ୍‌ଟିଏଫ୍ ସହାୟତାରେ ଓଡିଶାର ଏସ୍‌ଟିଏଫ୍ ଗାଜିଆବାଦରେ ଚଢ଼ାଉ କରି ଗୁଲବେଶ ଖାନ୍‌କୁ ଗିରଫ କରିଛି। ଗୁଲବେଶର ଘର ଉତ୍ତର ପ୍ରଦେଶର ବରେଲୀ ଜିଲ୍ଲାର ଧର୍ମପୁରାରେ। ଗିରଫ କରିବା ପରେ ତାକୁ ଗାଜିଆବାଦ କୋର୍ଟରେ ହାଜର କରି ଓଡିଶା ଆଣୁଛି ଏସ୍‌ଟିଏଫ୍। ଗତ ଏପ୍ରିଲ ୧୨ ତାରିଖରେ ଭୁବନେଶ୍ୱରରୁ ୨୦୨ ଗ୍ରାମ କୋକେନ୍ ଜବତ କରାଯାଇଥିଲା। ଏହି ମାମଲରେ ଦୁଇ ଜଣ ଡ୍ରଗ୍ସ ମାଫିଆ–ବିଙ୍ଗଲୋର ସିଂହ ଓରଫ ରବି ଓ ସନ୍ନି କୁମାରଙ୍କୁ ଗିରଫ କରାଯାଇଥିଲା। ଏ ଦୁହିଁଙ୍କ ଘର ରାଜସ୍ଥାନରେ। ପଚ଼ରାଉଚ଼ରା ବେଳେ ଗୁଲବେଶ୍ ଖାନ୍ ଠାରୁ କୋକେନ୍ ଆଣିଥିବା ନେଇ ରବି ଓ ସନ୍ନି ପୁଲିସ୍‌କୁ କହିଥିଲେ।



## କାଲାଗଣ୍ଡା ଆଶ୍ରମ ବିଦ୍ୟାଳୟରେ ଅଜଣା ରୋଗ ଆତଙ୍କ, ଭୟରେ ହଷ୍ଟେଲ ଛାଡିଲେ ସମସ୍ତ ଛାତ୍ରଛାତ୍ରୀ

ମାଲକାନଗିରି, ୧।୯(ପି.ଏନ): ମାଲକାନଗିରିରେ ଅଜଣା ରୋଗରେ ପିଲାଙ୍କ ଜୀବନ ଯାଉଛି। ଦୁଇ ଦିନରେ ଦୁଇ ଜଣ ପ୍ରାଣ ହରାଇଛନ୍ତି। ପ୍ରଥମେ ପଡିଆ ବ୍ଲକ କାଲଦାପାଲ୍ଲୀ ପଂଚାୟତ କାଲାଗଣ୍ଡା ମଙ୍ଗଳ ବିଭାଗ ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ରଞ୍ଜିତ ମୁଚିକା ପ୍ରାଣ ହରାଇଥିଲେ। ୨୩ ତାରିଖ ଦିନ ରଞ୍ଜିତଙ୍କ ଦେହ ଅସୁସ୍ଥ ହୋଇଥିଲା। ପ୍ରଥମେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଦେହ ଅଧିକ ଖରାପ ହେବାରୁ ତୁମସାପାଲି ଚିଡ଼ିପାଲି ଗାଁରେ ଆଣି ସ୍କୁଲ କର୍ତୃପକ୍ଷ ଛାଡି ଦେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରଞ୍ଜିତଙ୍କୁ ମାଲିକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ୨୯ ତାରିଖରେ ହିଁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ଅବହେଳା ଯୋଗୁ ରଞ୍ଜିତ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପ୍ରଥମେ ରଞ୍ଜିତଙ୍କ ଗୋଡ ଫୁଲିଥିଲା। ଜ୍ୱର ସହ ମୁଣ୍ଡ ମଧ୍ୟ ବିନ୍ଧା ହୋଇଥିଲା। ସେହିପରି ଦିନକ ପରେ ଅଷ୍ଟମ ଶ୍ରେଣୀର ଛାତ୍ର ସନ୍ତୁ କୁରାମୀଙ୍କ ସମାନ ଲକ୍ଷଣରେ ମୃତ୍ୟୁ ହୋଇଥିଲା। ସେବାଶ୍ରମରେ ଅମୁନି ଛାତ୍ର ମୃତ୍ୟୁ ଆତଙ୍କ। ଦୁଇ ଦିନ ମଧ୍ୟରେ ୨୦ରୁ ଅଧିକ ଛାତ୍ରଛାତ୍ରୀ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଲକାନଗିରି ମୁଖ୍ୟ ଚକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସେବାଶ୍ରମ ଛାଡୁଛନ୍ତି ପିଲା। ବିଦ୍ୟାଳୟରେ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ ପହଁଚି ତନାଘନା ଆରମ୍ଭ କରିଛନ୍ତି। ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ମାଇକ୍ରୋବାଓଲଜିଷ୍ଟ ଓ ଫୁଡ ଇନ୍ସପେକ୍ଟର କୋଲାଗଣ୍ଡା ସେବାଶ୍ରମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖାଦ୍ୟ ନିରୀକ୍ଷକ ମଧ୍ୟ ବିଦ୍ୟାଳୟ ଯାଇଥିଲେ। ଆକ୍ରାନ୍ତଙ୍କ ସହ ବିଦ୍ୟାଳୟର ସମସ୍ତ ୧୪୩ ଛାତ୍ରଛାତ୍ରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ରୋଗର ପ୍ରକୃତ୍ତ କାରଣ କିନ୍ତୁ ଏପର୍ଯ୍ୟନ୍ତ ଜଣାପଡି ନାହିଁ।

## ଟ୍ୱିଟର ଆରମ୍ଭ କଲା ଏଡିଟ ବଟନର ପରୀକ୍ଷା, କିନ୍ତୁ ଦେବାକୁ ପଡିବ ଟଙ୍କା




ନୂଆଦିଲ୍ଲୀ, ୧।୯(ପି,ଏନ): ବହୁ ପ୍ରତିକ୍ଷୀତ ଏଡିଟ ବଟନର ପରୀକ୍ଷାମୂଳକ ବ୍ୟବହାର ଆରମ୍ଭ କରିଛି ସୋଶାଲ ମିଡିଆ ଆପ୍? ଟ୍ୱିଟର। ଗୋଟିଏ ଟ୍ୱିଟ ଦ୍ୱାରା ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟଫର୍ମ ନୂଆ ଫିଚ଼ରର ପରୀକ୍ଷା ଆରମ୍ଭ କରାଯାଇଥିବା ସୂଚ଼ନା ଦେଇଛି। କମ୍ପାନୀ କହିଛି ଯେ "ଆପଣ ଏଡିଟେଡ ଟ୍ୱିଟ ଦେଖିପାରିବେ, କାରଣ ଆମେ ଏଡିଟ ବଟନର ଟେଷ୍ଟିଂ ଆରମ୍ଭ କରିଛୁ।" କମ୍ପାନୀ ଆହୁରି କହିଛି ଯେ ଯେଉଁମାନେ ଟଙ୍କା ଦେବାକୁ ରାଜି ଅଛନ୍ତି, ସେହି ଗ୍ରାହକମାନଙ୍କ ପାଇଁ ଏଡିଟ ବଟନ ଉପଲବ୍ଧ ହେବ। ଏହାର ଅର୍ଥ ଏଡିଟ ବଟନର ବିକଳ୍ପ ମାଗଣାରେ ଟ୍ୱିଟର ବ୍ୟବହାରକାରୀଙ୍କୁ ମିଳିବ ନାହିଁ। ଅନ୍ୟ ସୋଶାଲ ମିଡିଆ ଆକାଉଣ୍ଟ ଭଳି ମାଗଣାରେ ଲୋକଙ୍କୁ ଏଡିଟ ସୁବିଧା ମିଳିବ ନାହିଁ। କମ୍ପାନୀ ସ୍ପଷ୍ଟ କରିଛି ଯେ ଟେଷ୍ଟିଂ ପରେ ପ୍ରାଥମିକ ଅବସ୍ଥାରେ ଏଡିଟ ବଟନର ସୁବିଧା କେବଳ ବ୍ଲୁ ଟିକ ପାଇଥିବା ଗ୍ରାହକଙ୍କୁ ଯୋଗାଇ ଦିଆଯିବ। କମ୍ପାନୀ ଭିତରେ ଆମ ଟିମ ଏଡିଟ ଟ୍ୱିଟର ଟେଷ୍ଟ ଆରମ୍ଭ କରିଛି। ଆଗାମୀ କିଛି ସପ୍ତାହ ମଧ୍ୟରେ କେବଳ ବ୍ଲୁ ଟିକ୍ ସବସ୍କ୍ରାଇବରମାନଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। ଲୋକଙ୍କ ଅନୁରୋଧକ୍ରମେ ଆଜିକା ଦିନରେ ଏହା ଆମର ସବୁଠାରୁ ବଡ ଫିଚ଼ର। ଆପଣ ଟେଷ୍ଟ ଗ୍ରୁପରେ ନଥିଲେ ମଧ୍ୟ ଆମେ ଆପଣମାନଙ୍କୁ ସବୁ କଥା କହିବୁ। ଆପଣମାନେ ସବୁ କଥା ଜାଣିପାରିବେ। ଯଦି କୌଣସି ଟ୍ୱିଟ ଏଡିଟ ହେବ, ତା'ହେଲେ ଏହାକୁ ସମସ୍ତେ ଦେଖିପାରିବେ ବୋଲି ଟ୍ୱିଟର ଗୋଟିଏ ବ୍ଲଗପୋଷ୍ଟ କରି କହିଛି। ଏଡିଟ ବଟନ ଆସିଗଲେ ଜଣେ ବ୍ୟବହାରକାରୀ ଯେକୌଣସି ଟ୍ୱିଟରେ ସଂଶୋଧନ କରିପାରିବେ। କମ୍ପାନୀ କହିଛି ଗୋଟିଏ ଟ୍ୱିଟ ପୋଷ୍ଟ ହେବାର ୩୦ ମିନିଟ ମଧ୍ୟରେ ଏହାକୁ ଏଡିଟ କରାଯାଇ ପାରିବ। ଏଡିଟ ହୋଇଥିବା ଟ୍ୱିଟରେ ସ୍ୱତନ୍ତ୍ର ଆଇକନ ରହିବ। ଏହାର ଅର୍ଥ ଏହାକୁ ଏଡିଟ କରାଯାଇଛି ବୋଲି ସମସ୍ତେ ଜାଣିପାରିବେ। ଆଇକନକୁ କ୍ଲିକ କଲେ ଗ୍ରାହକମାନେ ଏଡିଟ ହୋଇଥିବା ଅଂଶକୁ ଦେଖିପାରିବେ। ସୀମିତ ସମୟ ଓ ଏଡିଟ ଅଂଶ ଏଠାରେ ବେଶ ଗୁରୁତ୍ୱପୂର୍ଣ୍ଣ। ଏ ବିଷୟରେ ସମସ୍ତେ ଜାଣିବା ଦରକାର। ତେଣୁ କମ୍ପାନୀ ଏପରି ବ୍ୟବସ୍ଥା କରିଥିବା କହିଛି। ବର୍ତ୍ତମାନ ସବୁ ପ୍ରକାରର ସମସ୍ୟାର ସମାଧାନ ପାଇଁ ଗୋଟିଏ ଛୋଟିଆ ଗ୍ରୁପ ମଧ୍ୟରେ ଏଡିଟ ବଟନର ପରୀକ୍ଷାମୂଳକ ବ୍ୟବହାର କରାଯାଉଛି। କିନ୍ତୁ ଚ଼ଳିତ ମାସରେ ହିଁ ବ୍ଲୁ ଟିକ୍ ପାଇଥିବା ଟ୍ୱିଟର ବ୍ୟବହାରକାରୀଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ।

## ମହିଳା ବିଜେଡି ଟିମ୍‌ରେ ମୃତ ନେତ୍ରୀ : ନ୍ୟାୟ ନପାଇ କରିଥିଲେ ଆତ୍ମହତ୍ୟା



ଭୁବନେଶ୍ୱର, ୧।୯(ପି.ଏନ): ଆଗାମୀ ସାଧାରଣ ନିର୍ବାଚ଼ନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ନିଜର ମହିଳା ସଂଗଠନର ପୁର୍ନଗଠନ କରିଛି। ରାଜ୍ୟ କମିଟିରେ ୩୫୩ ଜଣିଆ ବିଶାଳକାୟ ଟିମ୍ ଓ ୩୩ଟି ସଂଗଠନ ଜିଲ୍ଲାରେ ୪୦ଜଣ ନେତ୍ରୀଙ୍କୁ ସାମିଲ କରି ଦଳ ସମସ୍ତଙ୍କୁ ଥଇଥାନ ପାଇଁ ପ୍ରୟାସ କରିଛି। ତେବେ ନ୍ୟାୟ ପାଇଁ ଗୁହାରି କରି ବିଫଳ ହେବା ପରେ ଆତ୍ମହତ୍ୟା କରିଥିବା ବ୍ରହ୍ମପୁରର ଜଣେ ବିଜେଡି ନେତ୍ରୀ ମିନାକ୍ଷୀ ମିଶ୍ରଙ୍କ ମୃତ୍ୟୁକୁ ଅଢ଼େଇ ବର୍ଷ ବିତି ଯାଇଥିଲେ ବି ତାଙ୍କ ନାଁ ଗତକାଲି ଜାରି ମହିଳା ବିଜେଡି କର୍ମକର୍ତ୍ତା ତାଲିକାରେ ସାମିଲ ଥିବା ଜଣାପଡିଛି। ନ୍ୟାୟ ନପାଇ ତଥା ବ୍ରହ୍ମପୁର ପୁଲିସ ଏସପିଙ୍କ ଅଫିସ ଆଗରେ ୨୦୨୦ ଫେବୃୟାରୀ ୧୨ତାରିଖରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ଶ୍ରୀମତୀ ମିଶ୍ରଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ତତକାଳୀନ ପୁଲିସ ଡିଜି ଦେଇଥିଲେ ମଧ୍ୟ ଉକ୍ତ ତଦନ୍ତ ରିପୋର୍ଟ ଏବେବି ରହସ୍ୟାବୃତ ହୋଇ ରହିଛି। ଏପଟେ ଗତକାଲି ବିଜେଡି ପକ୍ଷରୁ ଜାରି ତାଲିକାରେ ସ୍ୱର୍ଗତା ମିଶ୍ରଙ୍କୁ ମହିଳା ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ କରାଯିବା ଦଳର ଆଭ୍ୟନ୍ତରୀଣ ପ୍ରକ୍ରିୟା ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି। ସୂଚ଼ନା ଅନୁସାରେ, ଗତକାଲି ବିଜେଡି ତା'ର ମହିଳା ସଂଗଠନର ପୁର୍ନଗଠନ କରିଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦନ ହୋଇଥିବା ଏହି ତାଲିକାରେ ବ୍ରହ୍ମପୁରର ମୃତ ନେତ୍ରୀ ମିନାକ୍ଷୀ ମିଶ୍ରଙ୍କୁ ୬୮ଜଣିଆ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀରେ ସାମିଲ କରାଯାଇଛି। ସ୍ୱର୍ଗତା ମିଶ୍ରଙ୍କ ନାଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାଲିକାର ୧୯ ନମ୍ବରରେ ରହିଛି। ତେବେ ଶ୍ରୀମତୀ ମିଶ୍ରଙ୍କ ମୃତ୍ୟୁର ଅଢ଼େଇ ବର୍ଷ ପରେ ତାଙ୍କ ନାଁ କିଭଳି ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ ହେଲା ଓ ଏହି ରାଜ୍ୟ କମିଟିରେ ସାମିଲ ପାଇଁ ବିଜେଡି କେଉଁ ପ୍ରକ୍ରିୟାକୁ ଅବଲମ୍ବନ କରେ ତା'ର ନଗ୍ନ ଚେହେରା ପଦାରେ ପଡିଛି। ସ୍ୱର୍ଗତା ମିଶ୍ରଙ୍କ ନାଁ ତାଲିକାରେ ସାମିଲ ହେବାପରେ ସ୍ପଷ୍ଟ ହୋଇଛି ଯେ, ବିଜେଡିରେ କୌଣସି ନେତାଙ୍କ ସୁପାରିଶ ନୁହେଁ ବରଂ ମନମୁଖୀ ଭାବେ ୨–୩ଜଣ ନେତା ହିଁ ଏହି ତାଲିକା ପ୍ରସ୍ତୁତ କରି ଅନ୍ୟମାନଙ୍କ ଉପରେ ଥୋପି ଦେଉଛନ୍ତି। ସ୍ୱର୍ଗତା ମିଶ୍ରଙ୍କ ମୃତ୍ୟୁ ପରେ ବି ତାଙ୍କ ନାଁ ସାମିଲ ହେବାକୁ ନେଇ ଦଳୀୟ କର୍ମୀମାନେ ଆଶ୍ଚର୍ଯ୍ୟ ବ୍ୟକ୍ତ କରିବା ସହ ହାତଗଣତି ୨–୩ଜଣ ନେତାଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ କେହି ମୁହଁ ଖୋଲୁନଥିଲେ ମଧ୍ୟ ଦଳ ଭିତରେ ଅସନ୍ତୋଷ ଜଳଜଳ ହୋଇ ଦିଶୁଛି। ଏ ସମ୍ପର୍କରେ ଗଞ୍ଜାମ ଜୋନ୍ ବିଜେଡି ମହିଳା ସଭାନେତ୍ରୀ ମମତା ବିଶୋୟୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମିନାକ୍ଷୀଙ୍କ ନାଁ ଭୁଲବଶତଃ ଗତକାଲି ପ୍ରକାଶିତ ତାଲିକାରେ ସାମିଲ ହୋଇଯାଇଛି। ସେ ଏ ସମ୍ପର୍କରେ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଇବେ। ପ୍ରଶ୍ନ ଉଠୁଛି, ଯେଉଁ ନେତ୍ରୀଙ୍କୁ ନ୍ୟାୟ ଦେବାରେ ଶାସକ ବିଜେଡି ବିଫଳ ହେଲା ଓ ଗୋଟିଏ ଜୀବନ ଅକାଳରେ ଝଡିଗଲା ସେହି ନେତ୍ରୀଙ୍କୁ ଏବେ ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ କରିବାକୁ କିଏ ସୁପାରିଶ କରିଥିଲେ ତଥା କିଭଳି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ତାଲିକାକୁ ଅନୁମୋଦନ କଲେ ତାହା ଚ଼ର୍ଚ୍ଚାର ବିଷୟ। ବିଜେଡି ସୁପ୍ରିମୋ ନିଜ ଜିଲ୍ଲା ଗଞ୍ଜାମର ଜଣେ ନେତ୍ରୀଙ୍କ ମୃତ୍ୟୁ କଥା କିଭଳି ଜାଣି ପାରିଲେନି ଓ ଏବେ ସମ୍ପୃକ୍ତା ମହିଳାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ କରାଗଲା ତାହା ବିଜେଡିର ଆଭ୍ୟନ୍ତରୀଣ ସାଂଗଠନିକ ବ୍ୟାପାରରେ ଚ଼ାଲିଥିବା ମନମୁଖୀ କାରବାରକୁ ପଦାରେ ପକାଇ ଦେଇଛି। ସ୍ୱର୍ଗତା ମିଶ୍ରଙ୍କୁ ଦଳର ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ କରିବା ପରିବର୍ତ୍ତ? ଯଦି ତାଙ୍କର ମୃତ୍ୟୁ ପାଇଁ ଗଠିତ ହୋଇଥିବା ଉଚ୍ଚ଼ସ୍ତରୀୟ ତଦନ୍ତ କମିଟି ରିପୋର୍ଟକୁ ସରକାରୀ ଦଳ ସାର୍ବଜନୀନ କରିଥାନ୍ତେ ହୁଏତ ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥାନ୍ତା। ଘର ଆଗରେ ସାମାନ୍ୟ ଝଗଡା ପାଇଁ ନିଜ ପୁଅର ଗିରଫଦାରିର ପ୍ରତିବାଦ ଓ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ସମସ୍ତଙ୍କୁ ନେହୁରା ହୋଇ ଜୀବନ ହାରିଥିବା ସ୍ୱର୍ଗତା ମିଶ୍ର ସେତେବେଳେ ବ୍ରହ୍ମପୁର ମହିଳା ବିଜେଡିର କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ଥିଲେ। ବିଜେଡିର କେହି ତାଙ୍କୁ ସେତେବେଳେ ସହଯୋଗ କରିବା ତ ଦୂରର କଥା ତାଙ୍କ ମୃତ୍ୟୁରେ ସମବେଦନା ବି ଜଣାଇନଥିଲେ ବୋଲି ସୂଚ଼ନା ମିଳିଛି।

## ବିଏମସି କାର୍ଯ୍ୟାଳୟ ଆଗରେ ବିଜେପିର ଧାରଣା

ଭୁବନେଶ୍ୱର, ୧।୯(ପି.ଏନ): ସ୍ୱାୟତ ଶାସନ ଦିବସରେ ଭୁବନେଶ୍ୱର ବାସୀଙ୍କୁ ବିଏମସି ପ୍ରତାରଣା କରିଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଗୁରୁବାର ଦିନ ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଛି। ବିଜେପି କାର୍ଯ୍ୟକର୍ତା ମାନେ ବିଏମ୍‌ସି ଅଫିସ ସମ୍ମୁଖରେ ମୁହଁରେ କଳା ମାସ୍କ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଜେପି ଜିଲ୍ଲା ସଭାପତି ବାବୁ ସିଂ ଏହି ଅବସରରେ କହିଛନ୍ତି ଯେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ଇସ୍କନ, ବାଣୀବିହାର, ରସୁଲଗଡ଼, ବମିଖାଲ ଭଳି ଅନେକ ସ୍ଥାନରେ ଆଣ୍ଠୁଏ ଉଚ୍ଚରୁ ପାଣି ଜମୁଛି। ଟ୍ରାଫିକ ସମସ୍ୟାରୁ ଦୁର୍ଘଟଣା ମଧ୍ୟ ବଢୁଛି। ବିଏମସି ଲୋକ ମାନଙ୍କୁ ପ୍ରତାରଣା କରିଛନ୍ତି। ବିଏମସି ଏହି ଅବ୍ୟବସ୍ଥାକୁ ନେଇ ବିଜେପି ଧାରଣା ଦେଉଛି। ସ୍ୱାୟତ ଶାସନ ଦିବସ କେବଳ ମିଛ ଡ୍ରାମା ବୋଲି ସେ ପ୍ରକାଶ କରିଛନ୍ତି। ରାଜଧାନୀବାସିନ୍ଦାଙ୍କ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବୀ କରାଯିବା ସତ୍ତ୍ୱେ କୌଣସି ପଦକ୍ଷପେ ଗ୍ରହଣ କରାଯାଉନାହିଁ। ବହୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ପୌର ନିର୍ବାଚନ କରାଇଥିଲେ ଏବଂ ରାଜଧାନୀର ମୌଳିକ ସେବା ଓ ସୁବିଧା ପାଇଁ ନିର୍ବାଚିତ ନୂଆ ମେୟରଙ୍କଠାରୁ ରାଜଧାନୀବାସିନ୍ଦା ବହୁ ଆଶା ରଖିଥିଲେ। କିନ୍ତୁ ସମସ୍ତ ଆଶା ଓ ଅପେକ୍ଷାକୁ ଜଳାଞ୍ଜଳୀ ଦେଇ ବିଏମ୍‌ସି କର୍ତୃପକ୍ଷ ରାଜଧାନୀବାସିନ୍ଦାଙ୍କ ସହିତ ପ୍ରତାରଣା କରିଛନ୍ତି। ବିଏମ୍‌ସି ଓ ରାଜ୍ୟ ସରକାରଙ୍କ ଅପାରଗତା ଓ ସ୍ଥାଣୁତା କାରଣରୁ ଜନସାଧାରଣ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ କହିଛନ୍ତି।

## ଶୁଭଶ୍ରୀ ହତ୍ୟା ମାମଲାରେ ନୟାଗଡ ଲିଙ୍କ୍, ଜଣେ ଯୁବକଙ୍କୁ କରିଥିଲେ ଶେଷ କଲ୍

ଭୁବନେଶ୍ୱର, ୧।୯(ପି.ଏନ): ଭୁବନେଶ୍ୱର ଶାସ୍ତ୍ରୀନଗରର ଶୁଭଶ୍ରୀ ମହାପାତ୍ର ହତ୍ୟା ଘଟଣାର ରହିଛି ନୟାଗଡ ଲିଙ୍କ୍। ପୁଲିସ ନୟାଗଡର ଜଣେ ଯୁବକଙ୍କୁ ଅଟକ ରଖି ପଚ଼ରାଉଚ଼ରା କରୁଥିବା ବେଳେ ପାଇଛି ବଡ ସୁରାକ। ଶୁଭଶ୍ରୀ ମରିବାର ଅଧଘଣ୍ଟା ପୂର୍ବରୁ ସଂପୃକ୍ତ ଯୁବକଙ୍କୁ କରିଥିଲେ ଶେଷ କଲ୍। ସେହି କଲ୍‌ର ଅବଧି ଥିଲା ୨୭ ସେକେଣ୍ଡ। ମଙ୍ଗଳବାର ଶୁଭଶ୍ରୀଙ୍କର ସନ୍ଦେହଜନକଙ୍କ ଭାବେ ମୃତ୍ୟୁ ଘଟିଥିବା ବେଳେ ସେହିଦିନ ସେ ସଂପୃକ୍ତ ଯୁବକଙ୍କୁ ୭ ଥର କଲ୍ କରିଥିଲେ। ଶୁଭଶ୍ରୀଙ୍କ ମୋବାଇଲ୍‌ରୁ ଶେଷ କଲ୍ ମଧ୍ୟ ତାଙ୍କ ପାଖକୁ ଯାଇଥିଲା। ଶୁଭଶ୍ରୀ ସଂପୃକ୍ତ ଯୁବକଙ୍କ ସହ ଶେଷ ଥର ପାଇଁ ୨୭ ସେକେଣ୍ଡ ପାଇଁ କଥା ହୋଇଥିଲେ। ତେବେ ସେ କ'ଣ କଥା ହୋଇଥିଲେ ପୁଲିସ ତାର ଖୋଳତାଡ କରୁଛି। ସେହିପରି ଉକ୍ତ ଯୁବକଙ୍କ ସହ ଶୁଭଶ୍ରୀଙ୍କର କ'ଣ ସମ୍ପର୍କ ଥିଲା ସେ ବିଷୟରେ ବି ପୁଲିସ୍ ପଚ଼ରାଉଚ଼ରା କରୁଛି। ପୁଲିସ ଶୁଭଶ୍ରୀଙ୍କ କଲ୍ ଡିଟେଲ୍ସକୁ ଯାଞ୍ଚ କରି ସଂପୃକ୍ତ ଯୁବକଙ୍କୁ ଆଜି ଖାରବେଳ ନଗର ପୁଲିସ ଅଟକ ରଖି ପଚ଼ରାଉଚ଼ରା କରୁଛି। ତେବେ ସେହି ଯୁବକଙ୍କୁ ଶୁଭଶ୍ରୀଙ୍କ ସ୍ୱାମୀ ଚ଼ିହ୍ନିଥିବା ଜଣାଯାଇଛି। ମଙ୍ଗଳବାର ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଘରୁ ଶୁଭଶ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବେଡ୍ ଉପରେ ତାଙ୍କ ମୃତଦେହ ପଡିଥିଲା। ୪ ବର୍ଷର ପୁଅ ଟ୍ୟୁସନରୁ ଫେରି ଶୁଭଶ୍ରୀଙ୍କୁ ଏପରି ଅବସ୍ଥାରେ ପଡିଥିବା ଦେଖି ପାଖ ପଡ଼ୋଶୀଙ୍କୁ ଜଣାଇଥିଲା। ପଡ଼ୋଶୀମାନେ ଶୁଭଶ୍ରୀଙ୍କ ସ୍ୱାମୀଙ୍କୁ ଫୋନ୍ କରିଥିଲେ। ସେ ଆସିବା ପରେ ଶୁଭଶ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।




# ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ : ପାଳଛତୁ ଚାଷ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ବର୍ତ୍ତମାନ ସମୟରେ ଯୁବସମାଜ ନିଯୁକ୍ତି ପାଇଁ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। କିନ୍ତୁ ଏବେ ସମୟ ଆସିଛି ପରିବର୍ତ୍ତନର। ଦିନଥିଲା କୃଷି ହିଁ ସାମାଜିକ ଜନଜୀବନର ପ୍ରମୁଖ ଆଧାର ଥିଲା। କୃଷିକୁ ଆଧାର କରି ଲୋକେ ପରିବାର ପ୍ରତିପୋଷଣ କରୁଥିଲେ। ଆଜି ଆଉ ଚାଷବାସ ପ୍ରତି ସେପରି ଶ୍ରଦ୍ଧା ନାହିଁ। ନା ଅଛି ଆନ୍ତରିକତା ନା ଅଛି ମନୋବଳ। କେହି ବି ଆଉ କ୍ଷେତକୁ ପଶିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ପରନ୍ତୁ ଏପରି କିଛି ଚାଷ ଅଛି ଯାହାକୁ ଆପଣେଇପାରିଲେ କର୍ମନିଯୁକ୍ତି ମିଳିବା ସହ ଆତ୍ମନିର୍ଭରଶୀଳ ମଧ୍ୟ ହୋଇପାରିବେ। ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ ପାଳଛତୁ ଚାଷ। ସବୁଆଡ଼େ ଏବେ ଛତୁର ଢ଼େର ଚାହିଦା। ବଜାରରେ ବି ଛତୁର ସ୍ଥାନ ସ୍ୱତନ୍ତ୍ର। ଏପରି ସ୍ଥିତିରେ ଛତୁଚାଷ ଲାଭବାନ ହେବାର ଏକ ବିକଳ୍ପ କହିଲେ ଭୁଲ ହେବନାହିଁ। ଯୁବଗୋଷ୍ଠୀ ହୁଅନ୍ତୁ କି ନାରୀ, ଯିଏ କେହି ବି ଚାହିଁଲେ ଏହାକୁ ଚାଷ କରି ରୋଜଗାରକ୍ଷମ ହୋଇପାରିବେ। ତେବେ ଏଥର ପାଳଛତୁ ଚାଷର ବିସ୍ତୃତ ପ୍ରଣାଳୀକୁ ନେଇ ସ୍ୱତନ୍ତ୍ର ପ୍ରତିବେଦନ.....

**ଛତୁ ଚାଷ କଣ ପାଇଁ -**

ଓଡ଼ିଶାରେ ବିଭିନ୍ନ ଋତୁରେ ବିଭିନ୍ନ ପନିପରିବା , ଫୁଲ , ଫଳ ଇତ୍ୟାଦି ଚାଷ କରାଯାଇଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଶସ୍ୟ ଜାତୀୟ ଫସଲ ଉତ୍ପାଦନରେ ବେଶ ଆଗରେ ଅଛି। କିନ୍ତୁ ଛତୁ ଚାଷ ଏପରି ଏକ ମାଧ୍ୟମ ଯାହା ଦ୍ୱାରା ବେକାର ଯୁବକ ଯୁବତୀ ମାନେ ସହଜରେ ରୋଜଗାର କରିପାରିବେ। ନିଜ ଗୋଡ଼ରେ ନିଜେ



ଠିଆ ହେବାର ଏକ ସଫଳ ପ୍ରଚେଷ୍ଟା ଏହି ଚାଷ। ଏହାକୁ ଜଣେ କମ ସମୟ ମଧ୍ୟରେ ନିଜ ଘରେ ମଧ୍ୟ ଚାଷ କରିପାରିବ। ଆବଶ୍ୟକୀୟ ପଦ୍ଧତିକୁ ସୂଚାରୁ ରୂପେ ସମ୍ପାଦନ କରିପାରିଲେ କମ ସମୟରେ ଅମଳ କରି ଲାଭବାନ ବି ହୋଇପାରିବ। ବର୍ତ୍ତମାନ ଅନେକ ଯୁବଗୋଷ୍ଠୀ ଏହାକୁ ଆପଣେଇ ନିଜ ଘରେ ଚାଷକରି ବେଶ ପଇସା କମାଉଛନ୍ତି। ସୁତାରଂ, ଏହା ଏକ ସଫଳ ଚାଷ ଭାବେ ପରିଗଣିତ ହୋଇଛି।

**ତାପମାତ୍ରା ନିୟନ୍ତ୍ରଣ -**

ସାଧାରଣତଃ ୨୫-୨୫ ଡ଼ିଗ୍ରୀ ସେଲସିୟସ ତାପମାତ୍ରା ପାଳଛତୁ ଚାଷ ପାଇଁ ସର୍ବୋତ୍କୃଷ୍ଟ ହୋଇଥାଏ। ଓଡ଼ିଶାରେ ମାର୍ଚ୍ଚ ଠାରୁ ଆରମ୍ଭ କରି ନଭେମ୍ବର ଯାଏଁ ଏହାକୁ ଚାଷ କରାଯାଇପାରେ। ପାଳଛତୁ ଚାଷରେ ତାପମାତ୍ରା ନିୟନ୍ତ୍ରଣ ଏକ ପ୍ରମୁଖ ବ୍ୟବସ୍ଥା। କାରଣ ତାପମାତ୍ରାରେ ଅସାମଂଜସ୍ୟ ଦେଖାଗଲେ ଅମଳରେ ଅସୁବିଧା ଦେଖାଯାଏ। ୩୦ ରୁ ୩୫ ଡ଼ିଗ୍ରୀ ତାପମାତ୍ରା ଅମଳ ପାଇଁ ଉପଯୋଗୀ ହୋଇଥାଏ। ଖରାଦିନ ମାନଙ୍କରେ ଯଦି ତାପମାତ୍ରା ଅଧିକ ହୋଇଯାଏ ତାହେଲେ ଚାଷ କରାଯାଉଥିବା ସ୍ଥାନ ମାନଙ୍କରେ କାନ୍ଥରେ ଓଦା ଅଖା ଟାଣି ତାପମାତ୍ରା ନିୟନ୍ତ୍ରଣ କରାଯାଏ। ସକାଳ ଠାରୁ ସଂଧ୍ୟା ଯାଏଁ ଛତୁ ବେଡ଼ ଉପରୁ ପଲିଥିନ କାଢ଼ି ଦେବା ଆବଶ୍ୟକ। ପାଳଛତୁ ଅନ୍ୟ ଛତୁଚାଷ ଅପେକ୍ଷା ଅଧିକ ଆଲୋକ ଆବଶ୍ୟକ କରିଥାଏ। ତେଣୁ କାନ୍ଥ ବିହୀନ ଘରେ ଚାଷ କଲେ ଏହା ଭଲ ଫଳ ଦେଇଥାଏ। କାରଣ ଏହି ସ୍ଥାନରେ ଆବଶ୍ୟକ ମାତ୍ରାରେ ଆଲୋକ ମିଳିପାରେ। କାନ୍ଥ ଥିବା ଘରେ ଚାଷ କଲେ ସେଥିରେ ଝରକା ରହିବା ଦରକାର। କାରଣ ବିନା ଝରକାରେ ସୂର୍ଯ୍ୟାଲୋକ ସିଧାସଳଖ ଛତୁ ବେଡ଼ ଉପରେ ପଡ଼ିଥାଏ। ତେଣୁ ନଡ଼ା ଶୁଖିଯିବାର ସମ୍ଭାବନା ଥାଏ। ଏବେ ତ ଉତ୍ତାପ ବା ଆଲୋକ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ଉପଲବ୍ଧ ହେଲାଣି। ପାଳଛତୁ ଚାଷ ପାଇଁ ୮୫-୯୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ। ଖରା ଦିନେ ଆର୍ଦ୍ରତା କମିଗଲେ ଚଟାଣରେ ପାଣିଢ଼ାଳି ଏହାକୁ ରକ୍ଷା କରାଯାଇପାରିବ। ଏତଦବ୍ୟତୀତ ପାଳଛତୁର ବୃଦ୍ଧି ଓ ଫୁଟିବା ସମୟରେ ଅମ୍ଳଜାନ ଆବଶ୍ୟକ ହୋଇଥାଏ। ତେଣୁ ବନ୍ଦ କୋଠରୀରେ ଏହାକୁ କରିବା ଅନୁଚିତ।

**ଆବଶ୍ୟକୀୟ ଉପାଦାନ -**

ନଡ଼ା - ପାଳଛତୁ ଚାଷରେ ନଡ଼ା ୧୫-୨୦ ବିଡ଼ା ଆବଶ୍ୟକ। ଧାନ ନଡ଼ା ନମିଳିଲେ ମାଣ୍ଡିଆ ବା ଆଖୁଛେଦା ବି ବ୍ୟବହାର କରାଯାଇପାରିବ।



**ଛତୁ ବିହନ** - ୩୫୦-୪୦୦ଗ୍ରାମର ଉଚ୍ଚ ବିହନ ପାଳଛତୁ ଚାଷ ପାଇଁ ଆବଶ୍ୟକ ହୋଇଥାଏ।

**ବେସନ ବା ଡ଼ାଲିଗୁଣ୍ଡ** - ଗୋଟିଏ ବେଡ଼ ଛତୁ ପାଇଁ ୨୦୦-୨୫୦ଗ୍ରାମ ଡ଼ାଲିଗୁଣ୍ଡ ଆବଶ୍ୟକ ହୁଏ। ଏହାକୁ ଛତୁର ଖାଦ୍ୟ ବୋଲି ବିବେଚନା କରାଯାଏ।

**ପଲିଥିନ** - ଛତୁ ବେଡ଼କୁ ଚାରିପଟୁ ଘୋଡ଼ାଇବା ପାଇଁ ପଲିଥିନ ଦରକାର। ୨ ଫୁଟ ଲମ୍ୱ,ପସ୍ଥ ଓ ଉଚ୍ଚତାର ବେଡ଼ ପାଇଁ ୬ ଫୁଟ ଲମ୍ୱ ଓ ପ୍ରସ୍ଥ ପଲିଥିନ ଆବଶ୍ୟକ ହୋଇଥାଏ।

**ଚାଷ ପ୍ରଣାଳୀ -**

ନଡ଼ା ବିଶୋଧନ- ପ୍ରଥମେ ନଡ଼ାର ଦୁଇ ପଟକୁ କାଟି ୨ଫୁଟ ଲମ୍ୱର ନଡ଼ା ପ୍ରସ୍ତୁତ କରନ୍ତୁ। ପରେ ଏହାକୁ ୧୨-୨୪ ଘଣ୍ଟା ଯାଏଁ ପରିଷ୍କାର ପାଣିରେ ବତୁରାଇ ରଖନ୍ତୁ। ଏହାକୁ ବତୁରାଇବା ପୂର୍ବରୁ ପାଣି ମଧ୍ୟରେ ଚୂନ ପକାନ୍ତୁ । କାରଣ ଏହା ଦ୍ୱାରା ମାଇସେଲିୟମ ଭଲ ଭାବରେ ବଢ଼ିଥାଏ। ୧ ଲିଟର ପାଣିରେ ୨୦ଗ୍ରାମ ଚୂନ ମିଶାଇ ସେଥିରେ ବତୁରାଇବା ଦରକାର। ଏହା ପରେ ଗରମ ପାଣିରେ (ଉଷୁମ) ୧୫-୨୦ ମିନିଟ ବୁଡ଼ାଇ ଏହାକୁ ସେଥିରୁ କାଢ଼ି ଏକ ଉଚ୍ଚା ଜାଗା କିମ୍ବା କୌଣସି ଏକ ସ୍ଥାନରେ ଢ଼େରଣା ଦେଇ ରଖାଯାଏ। ଯେପରିକି ନଡ଼ାରୁ ସମ୍ପୂର୍ଣ୍ଣ ଭାବେ ପାଣି ଗଡ଼ିଯାଇଥିବ। ନଡ଼ାରୁ ପୁରା ପାଣି ନିଗିଡ଼ା ଗଲା ପରେ ଏହାକୁ ଚାରି ଭାଗ କରାଯାଏ।

**ଭାଡ଼ି ପ୍ରସ୍ତୁତି** - ଭାଡ଼ିର ଚାରିପଟେ ୪ ଗୋଟି ଇଟା ଦେଇ ୨ଫୁଟ ଲମ୍ୱ , ୨ ଫୁଟ ଓସାରର ବାଉଁଶ ବା କାଠରେ ଭାଡ଼ି କରାଯାଏ। ଭାଡ଼ିଠୁ ମାଟି ୬-୧୨ ଇଂଚ ଉଚ୍ଚାରେ ରହିବା ଆବଶ୍ୟକ। ନହେଲେ ପିମ୍ପୁଡ଼ି , ମୂଷାର ଭାଡ଼ିକୁ ଆକ୍ରମଣ କରିବାର ଭୟ ଥାଏ।

**ମଂଜି** - ବୋତଲରେ ଥିବା ଛତୁ ବିହନକୁ ଭାଙ୍ଗି ବାହର କରାଯାଏ। ମଂଜି ଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରି ଏହାକୁ ଚାରି ଭାଗ କରାଯାଏ।

**ବେଡ଼ ପ୍ରସ୍ତୁତି** - ପ୍ରସ୍ତୁତ କରାଯାଇଥିବା ଭାଡ଼ି ଉପରେ ପୂର୍ବ -ପଶ୍ଚିମ କରି ଏକ ଭାଗ ନଡ଼ା ବିଛାଇ ଦିଆଯାଏ। ଏପରି କଲେ ନଡ଼ା ଭୁସୁଡ଼ିବ ନାହିଁ। ନଡ଼ା ଉପରୁ ୫-୭ ସେମି ଛାଡ଼ି ଗୋଟିଏ ଭାଗଛତୁ ବିହନକୁ ଗୋଟି ଗୋଟି କରି ରଖାଯାଏ। ଏକ ଭାଗ ଡ଼ାଲି ଗୁଣ୍ଡକୁ ଏହି ମଂଜି ଉପରେ ସମାନ ଭାବରେ ରଖାଯାଏ। ଏହା ଛତୁ ଭାଡ଼ିର ପ୍ରଥମ ସ୍ତର। ଏହା ପରେ ପ୍ରଥମ ସ୍ତର ଉପରେ ଉତ୍ତର -ଦକ୍ଷିଣ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏବଂ ପୁଣି ପ୍ରଥମ ସ୍ତର ପରି ଆଉ ଏକ ଭାଗ ମଂଜି ଓ ନାଳି ଗୁଣ୍ଡକୁ ପ୍ରୟୋଗ କରାଯାଏ। ଦ୍ୱିତୀୟ ସ୍ତର ଉପରେ ପୂର୍ବ ପଶ୍ଚିମ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏହା ପରେ ବାକି ଥିବା ୨ ଭାଗ ବିହନ ଓ ନାଳି ଗୁଣ୍ଡକ ପ୍ରୟୋଗ କରାଯାଏ। ଏହା ଛତୁ ବେଡ଼୍ର ତୃତୀୟ ସ୍ତର। ତୃତୀୟ ସ୍ତର ଉପରେ ଉତ୍ତର - ଦକ୍ଷିଣ ଦିଗରେ ପୁଣି ଏକ ଭାଗ ନଡ଼ା ବିଛାଇଦିଆଯାଏ। ଏପରି ଭାବେ ଚାରୋଟି ସ୍ତରକୁ ନେଇ ଗୋଟିଏ ବେଡ଼ ପ୍ରସ୍ତୁତ ହୋଇଥାଏ। ଏହା ପରେ ବେଡ଼କୁ ପଲିଥିନ ଦ୍ୱାରା ଘୋଡ଼ାଇ ଦିଆଯାଏ। ବେଡ଼ ପକାଇବାର ୪-୫ ଦିନ ପରେ - ପଲିଥିନ ଟେକି ବେଡ଼ର ବତରସ୍ତରକୁ ଅନୁଧ୍ୟାନ କରି ବତର କମ୍ ଥିଲେ ପାଣି ସ୍ପ୍ରେ କରିପାରିବେ। ୭-୧୦ ଦିନ ବେଳକୁ ଛତୁ ନଡ଼ା ଉପରେ ସମ୍ପୂର୍ଣ୍ଣ ମାଡ଼ିଗଲେ ପଲିଥିନକୁ ବାହାର କରିଦିଆଯାଏ।

**ଅମଳ ପ୍ରକ୍ରିୟା** - ବେଡ଼ ପକାଇବାର ୯-୧୦ ଦିନରେ ପ୍ରଥମ କଢ଼ ଦେଖାଦିଏ। ଏବଂ ଏହାର ୩-୪ ଦିନ ପରେ କଢ଼ ତୋଳାଯାଏ। କଢ଼ ଛତୁର ଚାହିଦା ବଜାରରେ ଅନେକ ଥାଏ। ତୋଳିବାର ଯଥାଶୀଘ୍ର ଏହାକୁ ବିକ୍ରି ପାଇଁ ନେବା ଆବଶ୍ୟକ। ନହେଲେ ଏହାର ଓଜନ କମିଯାଏ। ଗୋଟିଏ ଭାଡ଼ିରୁ ୨-୩ ଦିନ ଯାଏଁ ଅମଳ ମିଳିଥାଏ। ପ୍ରଥମ ପର୍ଯ୍ୟାୟର ୭-୮ ଦିନ ପରେ ପୁଣି ଫୁଟିଥାଏ। ଗୋଟିଏ ବେଡ଼ରୁ ୧-୧.୫ କିଗ୍ରା ଛତୁ ମିଳିପାରେ ।

## ସଫଳ ଛତୁ ଚାଷୀ - ଦେବୀ ପ୍ରସାଦ ପତି



କଟକ ଜିଲ୍ଲାର ବୟାଳିଶ ମୌଜା ଅଂଚଳର ଶ୍ରୀଯୁକ୍ତ ଦେବୀ ପ୍ରସାଦ ପତି। ଯୁବାବସ୍ଥାରୁ ଚାଷ ପ୍ରତି ଅହେତୁକ ନିଶା ରଖିଥିବା ଶ୍ରୀ ପତି ଜଣେ ସମାଜସେବୀ ହେଲେ ବି କୃଷି ପାଇଁ ତାଙ୍କ ମନ ସଦା ଆବେଗପୂର୍ଣ୍ଣ। ବର୍ତ୍ତମାନ ନିଜ ଗାଁରେ ଚାଷୀମାନଙ୍କୁ ଜୈବିକ କୃଷିର ତାଲିମ ଦେବା ସହ ଛତୁ ଚାଷ ଉପରେ ବି ପ୍ରଶିକ୍ଷଣ ଦେଉଛନ୍ତି। ନିଜେ ଘରେ ଛତୁ ଚାଷ କରି ବେଶ ଲାଭବାନ ହୋଇପାରିଛନ୍ତି ସେ। ତାଙ୍କ କହିବା ଅନୁସାରେ ଛତୁ ଚାଷ ପାଇଁ ପରିଶ୍ରମ କମ ହେବା ସହ ଟଙ୍କା ମଧ୍ୟ ଅଳ୍ପ ଖର୍ଚ୍ଚ ହୋଇଥାଏ। ଜଣେ ଯଦି ଠିକ ଭାବେ ସମୟ ଦେଇ ଏହାକୁ ପରିଚାଳନା କରିପାରିଲା , ତେବେ ନିଶ୍ଚୟ ଲାଭାନ୍ୱିତ ହୋଇପାରିବ । ସେ ନିଜେ ଛତୁ ଚାଷ କରି ପାଖ ବଜାରକୁ ପଠାଇବା ସହ ଏବେ ନିଜ ଗାଁ ପାଇଁ ପାଲଟିଯାଇଛନ୍ତି ରୋଲ ମଡ଼େଲ। ଜଣେ ସଫଳ ଛତୁ ଚାଷୀ ଭାବେ ଆଜି କଟକ ଜିଲ୍ଲାରେ ତାଙ୍କର ବେଶ ପରିଚୟ ମଧ୍ୟ ରହିଛି। ଆଗକୁ ଯୁବକ ମାନେ ଏହି ଛତୁକୁ ଆପଣେଇଲେ କର୍ମ ନିଯୁକ୍ତି ପାଇପାରିବେ ବୋଲି ଶ୍ରୀ ପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଛତୁ ଚାଷ ଏକ କଷ୍ଟଦାୟକ ଚାଷ ନୁହେଁ , ବରଂ ଏହା ଦ୍ୱାରା ଆତ୍ମସନ୍ତୋଷ ମିଳିଥାଏ । ତେଣୁ ଛତୁ ଚାଷ କରି ନିଜକୁ ବି ରୋଜଗାରକ୍ଷମ କରନ୍ତୁ ଆଉ ଲାଭବାନ ବି ହୁଅନ୍ତୁ।



# ଯୁବ ଉଦ୍ୟୋଗର ନୂଆ ସମ୍ଭାବନା : ମିଶ୍ରିତ ମାଛଚାଷ

ମାଛଚାଷ ରେ କେବଳ ଥରେ ମାଛ ଯାଆଁଳ ପୋଖରୀ ବା ଗାଡ଼ିଆରେ ଛାଡ଼ି ଦେଇ ବର୍ଷ ? ଛଅ ମାସ ବ୍ୟବଧାନରେ ସେଥିରୁ ଆମଦାନୀ କରିବାକୁ ମାଛଚାଷ କୁହାଯାଏ ନାହିଁ । ଏହା ଅନ୍ଧାରରେ ବାଡ଼ି ବୁଲେଇବା ସହ ସମାନ । ଲାଭଜନକ ଭାବରେ ମାଛଚାଷ କରିବାକୁ ହେଲେ ଆପଣଙ୍କୁ ନୂଆ ନୂଆ ଧରଣର ମାଛଚାଷର ପଦ୍ଧତିକୁ ଅନୁସରଣ କରିବାକୁ ପଡ଼ିଥାଏ, ଯଥା : ବ୍ୟବହାରିକ ମାଛଚାଷ, ସଘନ ପ୍ରଣାଳୀରେ ମାଛଚାଷ ଅଥବା ମିଶ୍ରିତ ମାଛଚାଷ ଇତ୍ୟାଦି । ଉପରୋକ୍ତ ଚାଷ ପ୍ରଣାଳୀ ମଧ୍ୟରୁ ମିଶ୍ରିତ ମାଛଚାଷ ପ୍ରଣାଳୀ ଆଜି ଆମ ଦେଶରେ ବହୁତ ଭାବରେ କରାଯାଉଛି, ଏହାର କାରଣ ଆପଣ ଯଦି ମିଶ୍ରିତ ମାଛଚାଷ କରନ୍ତି ତେବେ ମାଛ ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଆପଣ ଏକାଧାରରେ ମାଛ, ମାଂସ, ଅଣ୍ଡା, ଦୁଗ୍ଧ, ପନିପରିବା, ଫଳ ଇତ୍ୟାଦି ପାଇପାରିବେ ।

ତେଣୁ ଆସନ୍ତୁ ବର୍ତ୍ତମାନ ମିଶ୍ରିତ ମାଛର ପ୍ରଣାଳୀ ବିଷୟରେ କିଛି ଅଧିକ ଜାଣିବା । ମିଶ୍ରିତ ମାଛଚାଷରେ ଧାନ ଏବଂ ମାଛ, କୁକୁଡ଼ା ଏବଂ ମାଛ, ଗାଈ ଏବଂ ମାଛି, ବତକ ଏବଂ ମାଛଚାଷ ଏକା ସାଙ୍ଗରେ କରାଯାଇଥାଏ ।ଆପଣଙ୍କ ପୋଖରୀ ଚାରିପଟେ ଥିବା ବନ୍ଧରେ ସାଧାରଣତଃ ଆପଣ ଘାସ ଲଗାଇଥାନ୍ତି କାରଣ ବନ୍ଧ ଯଦି ଘାସ ଦ୍ୱାରା ଆବୃତ ହୋଇ ନଥାଏ ତେବେ ବନ୍ଧରୁ ମାଟି ଅତଡ଼ା ଖସିବା ସଙ୍ଗେ ସଙ୍ଗେ ମୃତ୍ତିକା କ୍ଷୟ ହୋଇଥାଏ । କିନ୍ତୁ ଏହି ଘାସ ଆପଣଙ୍କର କୌଣସି ଦରକାରୀ କାମରେ ଆସେ ନାହିଁ, ଯଦି ଆପଣ କିଛି ଗାଈ ରଖନ୍ତି ତେବେ ଗାଈ ଘାସ ଖାଇବେ ଏବଂ ଗାଈର ଗୋବରକୁ ଆପଣ ପୋଖରୀରେ ଖତ ଭାବରେ ବ୍ୟବହାର କରିପାରିବେ । ଯଦି ପୋଖରୀ ବନ୍ଧରେ ଆପଣ ନଡ଼ିଆ, କାଜୁବାଦାମ, ଗୁଆ, ଅନ୍ୟାନ୍ୟ ପନିପରିବା ଲଗାନ୍ତି ତେବେ ଏକ ସଙ୍ଗରେ ଆପଣ ପୋଖରୀରୁ ପାଣି ଦେଇ ଗଛମାନଙ୍କୁ ବଢ଼ାଇପାରିବା ସଙ୍ଗେ ସଙ୍ଗେ ଏହାର ଫଳ ଇତ୍ୟାଦି ବିକ୍ରୀ କରି ଆପଣ ମାଛଛଡ଼ା ଆଉ ଦୁଇ ପଇସା ଅଧିକ ରୋଜଗାର କରିପାରିବେ । ମାଛଚାଷ ହେଉଥିବା ପୋଖରୀରେ ଜଳ, ଗେଣ୍ଡା, ଶାମୁକା ଇତ୍ୟାଦି ରୁହନ୍ତି, ଆପଣ ଯଦି କିଛି କୁକୁଡ଼ା ବା ବତକ ରଖୁବେ ତେବେ ବତକମାନେ ପୋଖରୀ ପାଣିକୁ ସଫା ରଖିବା ସଙ୍ଗେ ସଙ୍ଗେ ସେମାନେ ପୋଖରୀରେ ମଳତ୍ୟାଗ କରନ୍ତି ଯାହା କି ସାର ରୂପରେ ବ୍ୟବହାର ହୋଇଥାଏ । ସାର ପକାଇବା ପାଇଁ ଆପଣଙ୍କୁ ଅଧିକ ପରିଶ୍ରମ ବା ପାରିଶ୍ରମିକ ଦେବାକୁ ହୋଇ ନଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ଏମାନଙ୍କର ଅଣ୍ଡା ବା ମାଂସ ଆପଣ ବିକ୍ରୟ କରିପାରିବେ । ଯଦି କୁକୁଡ଼ା ରଖନ୍ତି ତେବେ କୁକୁଡ଼ାମାନଙ୍କୁ ପୋଖରୀରେ ବଢୁଥିବା ଗେଣ୍ଡା, ଶାମୁକା ଇତ୍ୟାଦି ଖାଇବାକୁ ଦିଅନ୍ତୁ । କୁକୁଡ଼ାର ମଳ ମଧ୍ୟ ଆପଣ ପୋଖରୀରେ ବ୍ୟବହାର କରି ଲାଭବାନ୍ ହେବେ । ତେଣୁ ମିଳିତ ମାଛଚାଷରେ ପଶୁଧନ ପାଳନରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ଯଥା – ଗୋବର, ଛେଳିଲଣ୍ଡି, କୁକୁଡ଼ା ଖତ ପ୍ରଭୃତି ମାଛଚାଷ ପାଇଁ ଜୈବିକ ସାର ରୂପେ ବ୍ୟବହାର ହୋଇ ପାରିବା ସଙ୍ଗେ ସଙ୍ଗେ ପୋଖରୀର ଜଳ ଓ ଜୈବିକ ଗୁଣ ସାରଯୁକ୍ତ ପଙ୍କକୁ ବିଭିନ୍ନ ଫସଲ ପାଇଁ ବିନିଯୋଗ କରାଯାଇପାରେ । ଏହାଦ୍ୱାରା ଆବର୍ଜନା ପୁନଃଚକ୍ରୀକରଣ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏକକ ଆୟତନ ବିଶିଷ୍ଟ ଜମିରୁ ଅଧିକ ଅମଳ ମିଳିପାରିଥାଏ ।



**ଧାନ କ୍ଷେତରେ ମାଛ ଚାଷ**

ଭାରତ ବର୍ଷରେ ପ୍ରାୟ ୩.୧ ନିୟୁତ ହେକ୍ଟର ପରିମିତ ଉପକୂଳବର୍ତ୍ତୀ ଲୁଣି ଜମି ଅଛି ବୋଲି ଅଟକଳ କରାଯାଇଛି, ଯାହାକି ଉପକୂଳଠାରୁ ପ୍ରାୟ ୫୦ କିଲୋମିଟର ସ୍ଥଳଭାଗ ଭିତରକୁ ବିସ୍ତାର ଲାଭ କରିଅଛି । ଲୁଣି ଜୁଆର ପାଣି ସ୍ଥଳ ଭାଗରେ ଜମି ରହିବା ଏବଂ ତତ୍ ସହିତ ନଦୀ ମୁହାଣ, କେନାଲ ଓ ନଦୀ ଭିତରକୁ ସର୍ବଦା ସମୁଦ୍ର ଜଳର ପ୍ରବେଶ, ଉପରୋକ୍ତ ମାଟିର ଲବଣତାର ମୁଖ୍ୟ କାରଣ । ମାଟି ତଳର ଜଳସ୍ତର ସାଧାରଣତଃ କମ୍ ଗଭୀରରେ ଥାଏ ଓ ତାହା ବହୁ ପରିମାଣର ଦ୍ରବୀଭୂତ ଲବଣ ଧାରଣ କରିଥାଏ । ଏହି ଭୂମ୍ୟଧସ୍ଥ ଲବଣ ମାଟି ଦ୍ୱାରା ଶୋଷି ହୋଇ ମାଟିର ଉପରି ଭାଗରେ ଆସି ଜମା ହୋଇଥାଏ । ତେଣୁ ବର୍ଷର ଶୁଖିଲା ଦିନମାନଙ୍କରେ ଏହି ମାଟି ବହୁତ ଲବଣାକ୍ତ ଥାଏ । ପ୍ରାୟ ସମୁଦାୟ ଉପକୂଳବର୍ତ୍ତୀ ଜମିଗୁଡ଼ିକ ବର୍ଷା ଉପରେ ନିର୍ଭର କରିଥାଏ ଓ ଏହି ଜମିରେ ବର୍ଷରେ କେବଳ ଗୋଟିଏ ଚାଷ କରାଯାଇଥାଏ । ମୁଖ୍ୟତଃ ବର୍ଷା ଦିନରେ ଏହି ମାଟିରେ ଲବଣ ଅଂଶ କମ୍ ଥାଏ ଓ ଖରିଫ୍ ଧାନ ଚାଷ କରାଯାଇଥାଏ । ବର୍ଷର ଅବଶିଷ୍ଟ ସମୟରେ ଅଧିକ ଲବଣ ଏବଂ ଜଳସେଚନର ଅଭାବ ଯୋଗୁଁ ଏହି ଜମିଗୁଡ଼ିକ ସାଧାରଣତଃ ଖାଲି ପଡ଼ିଥାଏ।

ପୁନଶ୍ଚ ଏହି ଧାନଜମି ଗୁଡ଼ିକରେ ଧାନଚାଷ ସଂପୂର୍ଣ୍ଣ ବର୍ଷାଜଳ ଉପରେ ନିର୍ଭର କରିଥାଏ ଓ ପ୍ରତି ବର୍ଷ ଆଶା ଜନକ ଅମଳ ହୋଇପାରେ ନାହିଁ । ଏକକାଳୀନ ଧାନ ଓ ମାଛଚାଷ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଖରିଫ୍ ଧାନଚାଷରେ କ୍ଷତି ନଘଟାଇ ବର୍ଷରେ ଖାଲି ପଡୁଥିବା ସମୟରେ ଉପରୋକ୍ତ ମାଛଚାଷ କରିବା ।

ପଶ୍ଚିମବଙ୍ଗରେ ନଦୀମୁହାଣର ଉପରିଭାଗ ଓ ମଧ୍ୟଭାଗରେ ଯେଉଁଠାରେ ଜଳର ଲୁଣି ଅଂଶ କମ୍ ବା ମଧୁର ଜଳର ପ୍ରବେଶ ହେତୁ ଲୁଣି ଭାଗ କମ୍ ଥାଏ, ସେହି ଅଞ୍ଚଳ ଧାନ ଜମିମାନଙ୍କରେ ମାଛଚାଷ କରିବା ପଦ୍ଧତି ପ୍ରଚଳିତ । କେରଳର ପୋକାଲି ଚାଷ ଜମିରେ ଖରାଦିନେ ଖାଲି ପଡୁଥିବା ଜମିଗୁଡ଼ିକ କୃଷକମାନଙ୍କ ଦ୍ୱାରା ମାଛ ଚାଷ ଦ୍ୱାରା ବିନିଯୋଗ କରାଯାଇଥାଏ । ଏହି ପ୍ରକାର ଚାଷରେ ବାର୍ଷିକ ପ୍ରାୟ ୩୦୦ ରୁ ୧୦୦୦ କି.ଗ୍ରା. ମାଛ ପ୍ରତି ହେକ୍ଟରରୁ ଆମଦାନୀ କରାଯାଇଥାଏ ।

**ମାଛଚାଷ ସହ ଗାଈ ପାଳନ:**

ଏହି ପ୍ରଣାଳୀ ନିମିତ୍ତ ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀ ପାଇଁ ୩ ଗୋଟି ସଙ୍କର ଜାତୀୟ ଦୁଆଳୀ ଗାଈ ସହ ସେମାନଙ୍କର ବାଛୁରୀ ଗୁଡ଼ିକୁ ହୁଡ଼ା ଉପରେ ଗୁହାଳ କରି ପାଳନ କରାଯାଇଥାଏ । ଗାଈମାନଙ୍କର ମଳମୂତ୍ର ଓ ଗୁହାଳ ଧୁଆ ପାଣି ନାଳି ସାହାଯ୍ୟରେ ପୋଖରୀ ଜଳକୁ ନିଷ୍କାସିତ କରାଯାଏ ଏବଂ ପୋଖରୀର ପଙ୍କ, ହୁଡ଼ା ଉପରେ ପକାଇ ହାତୀଆ, ବସିମ୍, ନାପିଅର, ଷ୍ଟାଇଲୋ ପ୍ରଭୃତି ଘାସ ଚାଷ କରାଯାଏ ଏବଂ ଏହି ଘାସକୁ ପ୍ରତିଦିନ ଗାଈ ପିଛା ୨୫ କି.ଗ୍ରା. ହିସାବରେ କାଟି ଖାଇବାକୁ ଦିଆଯାଇଥାଏ । ଏପରି ମାଛ ଚାଷ କରିବା ଦ୍ୱାରା ବର୍ଷକୁ ଏକର ପିଛା ୩,୦୦୦ ଲିଟର କ୍ଷୀର ଉତ୍ପାଦନ ହୋଇପାରିବା ସଙ୍ଗେ ସଙ୍ଗେ ୧୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ ।

**ମାଛ ଚାଷ ସହ ଛେଳି ପାଳନ:**

ଛେଳି ଲଣ୍ଡିରେ ଗୋବରଠାରୁ ଅଧିକ ପରିମାଣର ଯବକ୍ଷାରଜାନ ଓ ପଟାସ ଗୁଣସାର ରହିଥାଏ । ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛଚାଷ ପାଇଁ ହୁଡ଼ା ଉପରେ ୧୫-୧୬ ଗୋଟି ଛେଳି ପାଳନ କରାଯାଇଥାଏ । ପ୍ରତ୍ୟେକ ଦିନ ଏମାନଙ୍କର ମୁତ୍ରସହ ଲଣ୍ଡି ଗୁଡ଼ିକୁ ଗୁହାଳ ଧୁଆ ପାଣି ସହ ନାଳି ସାହାଯ୍ୟରେ ପୋଖରୀରେ ପକାଯାଇଥାଏ । ଛେଳିମାନଙ୍କୁ ପ୍ରତ୍ୟେକ ଦିନ ହୁଡ଼ାରେ ହେଉଥିବା ଘାସ, ଶାଗ ପତ୍ର, କୋବି ପତ୍ରକୁ କାଟି ଖାଇବାକୁ ଦିଆଯାଇଥାଏ । ଏହା ଛଡ଼ା କୃତ୍ରିମ ଶୁଖିଲା ସୁଷମ ଖାଦ୍ୟ ମଧ୍ୟ ଛେଳିଙ୍କୁ ଖାଇବାକୁ ଦିଆଯାଏ । ଏହାଦ୍ୱାରା ଛେଳି ଦୁଗ୍ଧ ସହ ମାଂସ ଉତ୍ପାଦିତ ହୋଇପାରିବା ସଙ୍ଗେ ସଙ୍ଗେ ପୋଖରୀରେ ବିନା କୃତ୍ରିମ ମାଛଖାଦ୍ୟ ଓ ରାସାୟନିକ ସାର ପକାଯାଇ ଏକର ପିଛା ୧୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ କରିହେବ ।

**ମାଛଚାଷ ସହ ବତକ ପାଳନ:**

ବତକ ଗୁଡ଼ିକ ପୋଖରୀରୁ ସେମାନଙ୍କ ଆବଶ୍ୟକ ହେଉଥିବା ନୈନିକ ଖାଦ୍ୟ ପରିମାଣର ତିନି ଚୁତର୍ଥାଂଶ ସଂଗ୍ରହ କରି ଖାଇ ବଢ଼ିଥାନ୍ତି । ଏଣୁ ମାଛଚାଷ ସହ ବତକ ପାଳନ କଲେ ଉଭୟ ପରସ୍ପରଠାରୁ ଉପକାର ପାଇ କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଇଥାନ୍ତି । ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ୧୦୦ ଗୋଟି ଦୁଇମାସିଆ ବତକ ଛୁଆ କିଣି ହୁଡ଼ା ଉପରେ ଝାଟିମାଟି ଘରେ କିମ୍ବା ପାଣି ଭିତରେ ଭାସମାନ ମଞ୍ଚା ଘରେ ରଖି ପାଳନ କରାଯାଇଥାଏ । ବତକ ସହ ମାଛଚାଷ କରାଯାଉଥିବା ପୋଖରୀରେ ଏକର ପିଛା ୮ ସେ.ମି.ରୁ ଉଦ୍ଧ ଆକାରର ୩୦୦୦ ସଂଖ୍ୟାର ବିଶୁଦ୍ଧ, ନୀରୋଗ, ଜାତିଆ ମିଶ୍ରିତ ମାଛ ଯାଆଁଳ ଛାଡ଼ିବାକୁ ପଡ଼ିଥାଏ । ଇଞ୍ଚିକିଆ ଯାଆଁଳ



ଛାଡ଼ିଲେ ଏହାକୁ ବତକ ଖାଇଯିବାର ସମ୍ଭାବନା ଅଧିକ ଥାଏ । ମାଛଚାଷ ପୋଖରୀ ନିକଟରେ ଯଦି ନର୍ସରୀ ବା ଇୟରଲିଙ୍ଗ ପୋଖରୀ ଥାଏ, ତା ହେଲେ ତା ଉପରେ ଛିଣ୍ଡାଜାଲ ଆଚ୍ଛାଦିତ କରି ରଖିବା ଉଚିତ୍ । ବତକ ଗୁଡ଼ିକ ପୋଖରୀରେ ପହଁରୁଥିବା ଅବସ୍ଥାରେ ମଳତ୍ୟାଗ କରନ୍ତି । ଏହାଛଡ଼ା ଏମାନେ ପୋଖରୀରେ ପହଁରିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବଢ଼ିଥାଏ । ଏମାନେ ଖାଦ୍ୟ ସଂଗ୍ରହ ସମୟରେ ପୋଖରୀରେ ବୁଡ଼ି ପଙ୍କକୁ ଥଣ୍ଟଦ୍ୱାରା ଘାଣ୍ଟିବା ଦ୍ୱାରା ପଙ୍କରେ ଆବଦ୍ଧ ଅବସ୍ଥାରେ ଥିବା ମୌଳିକ ଗୁଣସାର ଗୁଡ଼ିକ ଜଳସ୍ତରକୁ ଅପସାରିତ ହୋଇଥାଏ । ଏମାନେ ପୋଖରୀରୁ ଛୋଟ ଛୋଟ ଉଦ୍ଭିଦ, ପୋକଜୋକ, ଗେଣ୍ଡା ପ୍ରଭୃତି ଖାଇ ପୋଖରୀ ଜଳ ପରିବେଶ ପରିଷ୍କାର ରଖୁଥାଆନ୍ତି । ଏମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟକୁ ମାଛମାନେ ସିଧାସଳଖ ଖାଇଥାଆନ୍ତି । ଏହିଭଳି ସମନ୍ୱିତ ଚାଷରୁ ବର୍ଷକୁ ଏକର ପିଛା ୧୬ କ୍ୱିଣ୍ଟାଲ ମାଛ, ୬୦୦୦ ଅଣ୍ଡା ଏବଂ ୨ ଦ୍ୱିଣ୍ଟାଲ ବତକ ମାଂସ ମିଳିଥାଏ । ଏଥିପାଇଁ ଚୂନ ବ୍ୟତୀତ ଅନ୍ୟ କୌଣସି ପୂରକ ଆହାର ବା ରାସାୟନିକ ସାର ପୋଖରୀରେ ପକାଇବାକୁ ପଡ଼ି ନଥାଏ ।

**ମାଛଚାଷ ସହ କୁକୁଡ଼ା ପାଳନ:**

ପୋଖରୀ ହୁଡ଼ାରେ ତାର ଜାଲି ଦିଆ କାନ୍ଥ ସହ ଚାଳଛପର ଘରଟିଏ କରି ମାଂସଳ (ବ୍ରଏଲର) କିମ୍ବା ଅଣ୍ଡାଦିଆ (ଲେୟାର) କୁକୁଡ଼ା ପାଳନ କରାଯାଇପାରେ । ଏହି ଘର ଚଟାଣ ଉପରେ ୬ ଇଞ୍ଚ ବହଳର ଚଷୁ ବିଛାଇ ଦିଆଯାଏ । ଏହାପରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୨ ମାସ ବୟସର ପ୍ରତିଷେଧକ ଟୀକାପ୍ରାପ୍ତ ଚିଆଁ ୨୦୦ ଗୋଟି ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ପାଳନ କରାଯାଇଥାଏ । ଏମାନେ ୫ ମାସ ବେଳକୁ ଅଣ୍ଡାଦେବା ଆରମ୍ଭ କରିଥାନ୍ତି ଏବଂ ଦେଢ଼ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ଅଣ୍ଡଦିଆ କ୍ଷମତା ଠିକ୍ ରୁହେ । ଏହାପରେ ଏମାନଙ୍କୁ ବିକ୍ରୟ କରିଦେବା ଉଚିତ୍ । ଯଦି ମାଂସଳ କୁକୁଡ଼ା ପାଳନ କରାଯାଏ, ତା ହେଲେ ଗୋଟିଏ ଥରରେ ଦିନିକିଆ ଚିଆଁ ୨୦୦ ଗୋଟି କିଣାଯାଇ ୪୫-୪୬ ଦିନ ପରେ ମାଂସ ପାଇଁ ବିକ୍ରୟ କରିଦିଆଯାଏ । ଏହିଭଳି ବର୍ଷକ ମଧ୍ୟରେ ୫ ଥର ମାଂସଳ କୁକୁଡ଼ା ପାଳନ କରି ବିକ୍ରୟ କରାଯାଇପାରେ । ଏହି କୁକୁଡ଼ା ଗୁଡ଼ିକ ପାଇଁ ବଜାରରେ ବିଭିନ୍ନ କମ୍ପାନୀ ଗୁଡ଼ିକର କ୍ରମ୍ବଲ୍ ବା ଦାନାଦାର ଏବଂ ପେଲେଟ୍ ଖାଦ୍ୟ ମିଳୁଛି । ତାକୁ କିଛି ଅନୁମୋଦିତ ହାରରେ କୁକୁଡ଼ାଙ୍କୁ ଖାଇବାକୁ ଦିଆଯାଏ । ଏହାଛଡ଼ା ମାଂସଳ କୁକୁଡ଼ା ପାଇଁ ରାଣୀକ୍ଷେତ୍ର, କକ୍ସିଡ଼ିଓସିସ୍ ପ୍ରଭୃତି ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଠିକ୍ ସମୟରେ ନିଆଯିବା ଉଚିତ୍ । କୁକୁଡ଼ା ଘରେ ବିଛା ଯାଇଥିବା ଚଷୁ ଦୁଇମାସ ପରେ ଖତରେ ପରିଣତ ହୋଇଥାଏ । ସେଗୁଡ଼ିକ ସିଧାସଳଖ ପୋଖରୀରେ ପକାଯାଇଥାଏ । ପୋଖରୀ ଜଳରେ ନେଳି ସୃଷ୍ଟି ହେଲେ ଏହି ଖତ ପକାଇବା ସ୍ଥଗିତ ରଖି ଏକର ପିଛା ୮୦ କି.ଗ୍ରା. କାର୍ବୋନେଟ୍ ଚୂନ ରାତିସାରା ବତୁରାଯାଇ ସକାଳେ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ସମନ୍ୱିତ ଚାଷ ଦ୍ୱାରା ଚୂନ ବ୍ୟତୀତ ଆଉ କୌଣସି କୃତ୍ରିମ ମାଛ ଖାଦ୍ୟ ବା ରାସାୟନିକ ସାର ନ ପକାଯାଇ ବାର୍ଷିକ ଏକର ପିଛା ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ । ଏତଦ୍ ?ବ୍ୟତୀତ ଅଣ୍ଡାଦିଆ କୁକୁଡ଼ା ପାଳନ କରାଯାଉଥିଲେ ଏକର ପିଛା ବର୍ଷକୁ ଅତିରିକ୍ତ ୨୮୦୦୦ ଅଣ୍ଡା ଓ ୫୦୦ କି.ଗ୍ରା. କୁକୁଡ଼ା ମାଂସ ଏବଂ ମାଂସଳ କୁକୁଡ଼ା ପାଳନ କରାଯାଉଥିଲେ

୧୫୦୦ କି.ଗ୍ରା. ପର୍ଯ୍ୟନ୍ତ କୁକୁଡ଼ା ମାଂସ ଆମଦାନୀ ମିଳିଥାଏ । ବର୍ତ୍ତମାନ ଅନେକ ଚାଷୀଭାଇ ପୋଖରୀ ହୁଡ଼ା ଉପରେ ଝାଟିମାଟି ଘରଟିଏ କରି ବିଭିନ୍ନ ରଙ୍ଗିନ୍ ପ୍ରଜାତିର କୁକୁଡ଼ା ଯଥା – ବନରାଜା, ଗ୍ରାମପ୍ରିୟ, କୃଷ୍ଣପ୍ରିୟ, ଗିରିରାଜ, ବ୍ଲକର, କୋଡନାଥ, ପ୍ରଭୃତିଙ୍କୁ ଉଭୟ ମାଂସ ଓ ଅଣ୍ଡା ପାଇଁ ପାଳନ କରୁଅଛନ୍ତି ।

**ଅନିଲ କୁମାର ମିଶ୍ର**
ଭୁବନେଶ୍ୱର, ଓଡ଼ିଶା

# ମୋ ଓଡ଼ିଶା

## ସ୍ୱାୟତ୍ତ ଶାସନ ଦିବସର ତାତ୍ପର୍ଯ୍ୟ



ସ୍ୱାଧୀନ ରାଷ୍ଟ୍ରରେ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ହେଉଛି ସର୍ମ୍ପକର ଡୋରୀ। ଆମ ଭାରତବର୍ଷରେ ଏହାର ଇତିହାସ ଅତି ପ୍ରାଚୀନ। ଅତିତ ପୃଷ୍ଠାକୁ ଲୋଟାଇଲେ ଜଣାପଡେ ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା ଓ ପଲ୍ଲୀସଭା ରହିଥିଲା। ଏପରିକି ତାମ୍ର ଯୁଗ ଓ ଲୌହଯୁଗରେ ମଧ୍ୟ ଗାଁ ମୁଖିଆ ଥିଲେ। ଗାଁ ମୁଖିଆମାନଙ୍କୁ ଯଥୋଚିତ ସମ୍ମାନ ଦିଆଯାଉଥିଲା। ସେମାନଙ୍କର ବାକ୍ୟ ସମସ୍ତଙ୍କ ପାଇଁ ଶିରୋଧାର୍ଯ୍ୟ ଥିଲା। ପରାଧୀନ ଭାରତରେ ୧୬୮୮, ୧୭୨୦, ୧୭୯୩ ମସିହାରେ ଚନ୍ନାଇ, କୋଲକତା, ମୁମ୍ବାଇରେ ଇଷ୍ଟ ଇଣ୍ଡିଆ କମ୍ପାନୀ ତିନୋଟି ନିଗମ ପ୍ରତିଷ୍ଠା କରିଥିଲେ। କିନ୍ତୁ ସ୍ଥାନୀୟ ଜନସାଧାରଣ ସେଥିରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିନଥିଲେ। ଲର୍ଡ ମେୟୋଙ୍କ ଶାସନ କାଳରେ ସ୍ୱାୟତ ଶାସନ ସଂସ୍ଥା ଜନ୍ମ ନେଲା। ପ୍ରାଦେଶିକ ସରକାରଙ୍କୁ ଲୋକାଲ ବୋର୍ଡ ଗଠନ କରିବା ପାଇଁ ନିର୍ଦ୍ଦେଶ ମିଳିଲା। ସେତେବେଳେ ଏହି ସଂସ୍ଥା ପ୍ରତ୍ୟକ ଜିଲ୍ଲାରେ ସ୍ଥାଧୀନ ଭାବରେ ଶାସନ ପରିଚାଳନା କରୁଥିଲେ। ଏଥିରେ ଏକ ତୃତୀୟାଂଶ ସରକାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହୁଥିଲେ। ଲର୍ଡ ମେୟୋଙ୍କ ପରିକଳ୍ପନା ଭାରତରେ ସ୍ୱାୟତ ଶାସନ ସଂସ୍ଥା ଲାଗି ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ପରବର୍ତ୍ତୀ ସମୟରେ ଲର୍ଡ ରିପନଙ୍କ ପରାମର୍ଶକ୍ରମେ ବ୍ରିଟିଶ କ୍ରାଉନ ସ୍ୱାୟତ ଶାସନ ସଂସ୍ଥାକୁ ଅନୁମୋଦନ କଲେ। ଭାରତରେ ସ୍ୱାୟତ ଶାସନ ସଂସ୍ଥାର ମୂଳଭିତ୍ତି ସ୍ଥାପିତ ହେଲା।

ଏହି ପରିପ୍ରେକ୍ଷୀରେ ଓଡିଶା କଥା ବିଚାରକୁ ନେଲେ ଜଣାପଡେ-୧୯୫୧ ମସିହାରେ ଓଡିଶାରେ ସହର ସଂଖ୍ୟା ଥିଲା ୧୯। ୨୦୦୩ ମସିହାରେ ଏହି ସଂଖ୍ୟା ବଢି ୧୦୩କୁ ବୃଦ୍ଧି ପାଇଲା। ଜନସଂଖ୍ୟାର ବିସ୍ଫୋରଣ ଏବଂ ସହର ବାସିନ୍ଦାଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଲା। ଗ୍ରାମାଂଚଳ ଛାଡି ବହୁ ସଂଖ୍ୟକ ଲୋକ ସହରାଭିମୁଖୀ ହେଲେ। କାରଣ ସହରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୁଲଭ୍ୟ ହେଲା। କିନ୍ତୁ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ପାନୀୟ ଜଳ ଯୋଗାଣ, ଗୃହ ଯୋଗାଣ ଓ ଆବର୍ଜନା ନିଷ୍କାସନ ଜଟିଳ ସମସ୍ୟା ସୃଷ୍ଟି କଲା। ସହରୀ ଜୀବନ ଅଶାନ୍ତ ଓ ଅସୁବିଧା ହୋଇଉଠିଲା। ଏହାକୁ ସମାଧାନ କରିବା ପାଇଁ ସ୍ୱାୟତ ଶାସନ ସଂସ୍ଥା ଗୁଡିକ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଲେ। ଜାତୀୟ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଆମ ରାଜ୍ୟରେ ୧୯୭୬-୯୭ରୁ କାର୍ଯ୍ୟକାରୀ ହେଉଛି। ବସ୍ତିରେ ବାସ କରୁଥିବା ଦରିଦ୍ର ଜନସାଧାରଣଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଲାଗି ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏଥିପାଇଁ କେନ୍ଦ୍ର ସରକାର ଅନୁଦାନ ଦେଉଛନ୍ତି। ମାତ୍ର ଏଥିପାଇଁ ଆସୁଥିବା ଧନରାଶିକୁ ଧଳାହାତୀ ତଥା କେତେକ ଅସତ୍ କର୍ମଚାରୀ ବାଟମାରଣା କରୁଛନ୍ତି। ସବୁଜାଣି ଆମର ଉପରିସ୍ଥ ହାକିମମାନେ ଜାଣି ନଜାଣିଲାଭଳି ଅଭିନୟ କରୁଛନ୍ତି। ବର୍ତ୍ତମାନର ସ୍ୱାୟତ ଶାସନ ବ୍ୟବସ୍ଥାକୁ ଦେଖିଲେ ସ୍ପଷ୍ଟ ଅନୁମେୟ ହୁଏ ଯେ ସ୍ୱ ଆୟତରେ ଆଉ ଶାସନ ନାହିଁ!


ଏହି ଦିବସର ତାତ୍ପର୍ଯ୍ୟ ହେଉଛି, ଆମେ ଆମ ସହରକୁ ପରିଷ୍କାର ରଖିବା, ରାସ୍ତାକଡରେ ବୃକ୍ଷରୋପଣ କରିବା, ରାସ୍ତା ଅବରୋଧ କରବା ନାହିଁ, ଗୃହପାଳିତ ପଶୁକୁ ଜନଗହଳି ରାସ୍ତାକୁ ଛାଡିବା ନାହିଁ, ନିୟମିତ କର ପ୍ରଦାନ କରିବା। ସର୍ବଦା ମନେରଖିବା, ଯେଉଁ ସହରରେ ଆମେ ବାସ କରୁଛୁ, ସେ ସହର ଆମ ନିଜର, ଆପଣାର, ଅତି ଆପଣାର। ତା'ର ମଙ୍ଗଳ କାମନା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ।

—ଉମାଶଙ୍କର ପ୍ରସାଦ
ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

## ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମେଗା ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହା ରାଜ୍ୟ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା,ବେଗୁନିଆ,ବୋଲଗଡ ଓ ଟାଙ୍ଗୀ ଅଂଚଳର ଶତାଧିକ ମହିଳା ରକ୍ତଦାନ କରିଥିଲେ । ଟାଙ୍ଗୀ ବ୍ଲକ ଅଧକ୍ଷା ରୀସ୍ମା ମାନ୍ଧାତା,ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ବେଗୁନିଆ ୨୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ତନୁଜା ପାଟଶାଣୀ ଓ ବୋଲଗଡ ମହିଳା ମହାସଂଘର ସଦସ୍ୟାମାନେ ଯୋଗଦେଇ ବହୁମାତ୍ରାରେ ରକ୍ତଦାନ କରିଥିଲେ । ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ଯୁବ ସଙ୍ଗଠକ ଶୁଭକାନ୍ତ ମହାପାତ୍ର ପବିତ୍ର ପାଇକରାୟ, ରାଜକିଶୋର ପାତ୍ର, ଲଲାଟ ପାଟଶାଣୀ, ସକ ଅକ୍ତର ଅଲ୍ଲୀ ଡିଜିଟାଲ ସେଲର ବିରଂଚି ନାରାୟଣ ଜେନା ଓ ଅସିତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଖୋର୍ଦ୍ଧାସ୍ଥିତ ମା ବରୁଣେଇ ପୀଠରେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀରେ କିପରି ଭାବେ ମହିଳା ଜନତା ଦଳର ସଭ୍ୟ ସଂଗ୍ରହ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

## ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ଯଥାର୍ଥ ପ୍ରତିନିଧିତ୍ୱ କରନ୍ତୁ !




ଭୁବନେଶ୍ୱର (ପିଏନ୍)- ଓଡ଼ିଆ ଭାଷାରେ ଅନେକ ସାହିତ୍ୟ କୃତି ଅଛି ଯାହା ଅନ୍ୟ ଭାଷାରେ ଅନୁବାଦ ହୋଇ ପାରିଲେ ଓଡ଼ିଆ ଭାଷା ଓ ସାହିତ୍ୟ ବିଶେଷ ସମ୍ମାନ ଓ ସ୍ୱୀକୃତିଲାଭ କରିପାରିବ । ପ୍ରବାସୀ ଓଡିଆମାନେ ଓଡିଶାର ଯଥାର୍ଥ ପ୍ରତିନିଧିତ୍ୱ କରନ୍ତୁ ବୋଲି ଓଡ଼ିଶାର ବିଶିଷ୍ଟ କବି ତଥା ଓଡିଶା ରାଜ୍ୟପାଳଙ୍କର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ମୁମ୍ବାଇର ପ୍ରବାସୀ ଓଡିଆ ସାହିତ୍ୟ ସମାଜର ଆଭାଷୀ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି। ପ୍ରବାସୀ ସାହିତ୍ୟ ସଂସଦର ଶ୍ରୀମତୀ ମୈତ୍ରୀ କାମିଲାଙ୍କ ସଭାପତିତ୍ୱରେ ଓ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ସାହିତ୍ୟିକା ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଓ ଶ୍ରୀମତୀ ପାରମିତା ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଭାଷୀ ସାହିତ୍ୟ ଉତ୍ସବ ଓ କବିତା ପାଠୋତ୍ସବରେ ସରେଇକଳା-ଖରସୁଆଁ ଓଡିଆ ବିଚ୍ଛିନ୍ନାଞ୍ଚଳର ରାଜକବି ହୀରେନ୍ଦ୍ର ସିଂହଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ଓଡିଆ ଭାଷା ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶ ବିଦେଶରୁ ଯୋଗ ଦେଇଥିବା ଏହି ଆଭାଷୀ ସାହିତ୍ୟ ଉତ୍ସବରେ ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ, କବି ତଥା ଚଳାପଥର ସମ୍ପାଦକ ହଳଧର ଧୀର, ଆମେରିକାର ଟୋରଣ୍ଟରୁ ଶ୍ରୀମତୀ ଚିତ୍ରା ପାତ୍ର, ଦୁବାଇରୁ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ଡକ୍ଟର ଦେବାଶିଷ ମହାପାତ୍ର, ସରୋଜାଲକ୍ଷ୍ମୀ ମହାନ୍ତି, ଜୟନ୍ତୀ ସାହୁ, ସଲିଳା ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ରାଜଲକ୍ଷ୍ମୀ ତ୍ରିପାଠୀ, କଳ୍ପନା ମିଶ୍ର, ଗୀତା ଷଡଙ୍ଗୀ, ମନୋରମା ମିଶ୍ର, ଅରୁଣ ମହାପାତ୍ର, ସ୍ନେହ ମିଶ୍ର, ବିଚ୍ଛିନ୍ନାଞ୍ଚଳ କବି ସତ୍ୟପ୍ରକାଶ କର, ପ୍ରତିମା ଷଡଙ୍ଗୀ, ଅରୁନ୍ଧତୀ ମହାନ୍ତି, ଶ୍ରୀମତୀ ମୈତ୍ରୀ କାମିଲା ପ୍ରମୁଖ ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।

## ୟୋର୍ସ ହୋପ ଫାଉଣ୍ଡସନ ପକ୍ଷରୁ ଚାରା ରୋପଣ

ଖୋର୍ଦ୍ଧା (ପିଏନ)- ମଣିଷ ବଂଚିବା ପାଇଁ ଅମ୍ଳଜାନର ନିହାତି ଆବଶ୍ୟକ ହେଉଥିବା ବେଳେ ସାଂପ୍ରତିକ ସମୟରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଅଙ୍ଗାରକାମ୍ଳ ବହୁ ପରିମାଣରେ ବଢି ପୃଥିବୀ ଦିନକୁ ଦିନ ଧ୍ୱସାଂଭିମୁଖୀ ଆଡକୁ ଗତି କରୁଛି । ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଜୀବନଟିଏକୁ ଲକ୍ଷ୍ୟ କରି ୟୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଜପୁର ପଂଚାୟତ ଅନ୍ତର୍ଗତ ବଣିଆଟାଙ୍ଗୀ,ରାଇରଙ୍ଗ ଗ୍ରାମର ମନ୍ଦିର,ଅଙ୍ଗବାଡି କେନ୍ଦ୍ର ଓ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ନେଇ ଅନୁଷ୍ଠାନର ଅଧ୍ୟକ୍ଷା ରୀନାରାଣୀ ନାୟକ,ସ୍ଥାନୀୟ ସରପଂଚ କେଦାର ନାଥ ପୃଷ୍ଟି ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଦସ୍ୟ ସନ୍ତୋଷ ନାୟକ, ବିଜୟ କୁମାର କାଣ୍ଡି ଓ ବସନ୍ତ ନାୟକଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଏଥିରେ ହରିଡା, ବାହାଡା, ଅଁଳା, ବଉଳ, ନିମ୍ବ, କରଞ୍ଜ, ଅର୍ଜୁନ, ବେଲ, ଅଶୋକ ଓ ଗଙ୍ଗଶିଉଳି ସମେତ ବିଭିନ୍ନ ପ୍ରଜାତିର ୧୫୦ରୁ ଊର୍ଦ୍ଧ୍ୱ ଔଷଧୀୟ ଚାରା ରୋପଣ କରାଯାଇଥିଲା।

## ବାଲେଶ୍ୱରର ୩୦ ଲକ୍ଷ ଟଙ୍କା ଠକେଇ ମାମଲାରେ ନୂଆଦିଲ୍ଲୀରେ ଗିରଫ ହେଲେ ଦୁଇ ନାଇଜେରିୟ ନାଗରିକ

ବାଲେଶ୍ୱର (ପିଏନ୍)- ବାଲେଶ୍ୱରରୁ ୩୦ ଲକ୍ଷ ଟଙ୍କା ଠକେଇ ମାମଲାରେ ନୂଆଦିଲ୍ଲୀରୁ ଦୁଇ ନାଇଜେରିୟ ନାଗରିକ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ କାର, ୨ ଲାପ୍‌ଟପ୍, ୭ଟି ମୋବାଇଲ, ସୁନାଗହଣା ଜବତ କରାଯାଇଛି। ପୂର୍ବରୁ ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଅଭିଯୁକ୍ତ ୨୦୨୨ ଏପ୍ରିଲ ମାସ ୧୩ ତାରିଖରେ ସହଦେବ ଖୁଣ୍ଟା ଥାନା ବାଲିଆ ଅଞ୍ଚଳରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ନକଲି ଫେସ୍‌ବୁକ ଏକାଉଣ୍ଟ ଜରିଆରେ ବନ୍ଧୁତା ସ୍ଥାପନ କରି ୩୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ସାଇବର ଥାନାରେ ଅଭିଯୋଗ କରିବା ପରେ ଆଇ.ଆଇ.ସି ମୀନା ବିନ୍ଧାଣୀ ଅଭିଯୁକ୍ତର ବ୍ୟାଙ୍କ ଏକାଉଣ୍ଟକୁ ଅଚଳ କରିଥିଲେ। ବହୁ ଖୋଳତାଡ଼ ପରେ ଶେଷରେ ଏହି ନାଇଜେରିୟ ଠକ ପାଖରେ ପହଞ୍ଚିଥିଲା ପୁଲିସ। ଦିଲ୍ଲୀରୁ ଠକ ସାମ୍‌ସନକୁ ଗିରଫ ପରେ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡୋରେ ବାଲେଶ୍ୱର ଅଣାଯାଇଥିଲା। ସେ ଗତ ଏକବର୍ଷ ହେବ ଦିଲ୍ଲୀର କିସନଗଡ଼ରେ ରହି ସାଇବର ଅପରାଧରେ ଲିପ୍ତ ଥିଲା। ଏହି ଉପାୟରେ ୧୦୦ରୁ ଅଧିକ ଲୋକଙ୍କୁ ଫସାଇ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିଲା। ପୁଲିସ ତା' ପାଖରୁ ଏକ ମୋବାଇଲ ଲାପ୍‌ଟପ୍ ଓ କିଛି ନକଲି ସିମ୍ ଜବତ କରିଥିଲା। ୨୦୧୮ ମସିହାରୁ ତା'ର ପାସପୋର୍ଟ ବୈଧତା ସରିଯାଇଥିଲେ ମଧ୍ୟ ସେ ନକଲି ପାସପୋର୍ଟ ରଖି ଭାରତରେ ରହୁଥିଲା। ଏହି ମାମଲାର ରିମାୟୁକଲ୍ ନାମନି ଏଲିଆସ କେଲ୍‌ଭିନ ଓଟୁସରୋ ନାମନି (୩୫) ସେ ତାର ସ୍ତ୍ରୀ ଟି. ସୁଚିମ ତିଖୀର (୩୨) (ନାଗାଲାଣ୍ଡ) ଦିଲ୍ଲୀ ମଇଦାନ ଗୋଡ଼ିରୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଇମାୟୁନେଲ ନାମନି ହ୍ୱାଟ୍ସଆପ ଜରିଆରେ ବିଭିନ୍ନ ଦଫା ସହ ଫେକ ଫେସବୁକ୍ ଆଇଡିରେ ୟୁକେର ବିଦେଶୀ ମହିଳାଙ୍କ ନାମରେ ବନ୍ଧୁତା ସ୍ଥାପନ କରୁଥିଲା। ତାର ସ୍ତ୍ରୀ ଟି.ସୁଚିଂ ତିଖୀର ନିଜକୁ କଷ୍ଟମ ଅଫିସରର ପରିଚୟ ଦେଇ ଉପହାର ସାମଗ୍ରି ସେମାନଙ୍କ ଠିକଣାରେ ପଠାଇଦେବ ଏବଂ କଷ୍ଟିଂ ପାଉଣା ଦେବା ପାଇଁ ଧମକାଉଥିଲା। ସେମାନଙ୍କ ନିକଟରୁ ଦୁଇଟି ଲାପ୍‌ଟପ୍, ଗୋଟିଏ ହୁଣ୍ଡା ୧-୨୦ କାର, ଏକଟି ଡଙ୍ଗଲ, ଦୁଇଟି ନକଲି ପାସପୋର୍ଟ ସୁଚିମ ତିଖୀର ନାମରେ ଥିବା ଗୋଟିଏ ଷ୍ଟେଟବ୍ୟାଙ୍କ ପାସବୁକ୍, ଦୁଇଟି ସୁନାଚେନ୍, ଗୋଟଏ ମୁଦି, ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସାଇବର ଓ ପୁଲିସ କେସ ନଂ ୪/୧୩/୬/୨୨ ଦଫା ୪୧୯/୪୨୦/୪୬୫/୪୬୭/୪୬୮/୧୨୦ (ବି) ଧାରା ୬୬ (ସ)/୬୬(ଡି) ମାମଲା ରୁଜୁ କରାଯାଇଥିଲା। ଆହୁରି ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## 'ଜାତୀୟ ପୁସ୍ତକପ୍ରେମୀ' ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ଡ଼. ଭାଗବତ ପ୍ରସାଦ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସୀତାସୁରେନ୍ଦ୍ର ପାଠାଗାର ଆନୁକୂଲ୍ୟରେ 'ଜାତୀୟ ପୁସ୍ତକପ୍ରେମୀ ଦିବସ' ପାଳିତ ହୋଇଯାଇଛି। କବି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଶଶୀରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତା ସରୋଜ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପିନାଥ ସଙ୍କର, ସମ୍ମାନୀୟ ଅତିଥି, ଡ. ନରୋତ୍ତମ ପରିଡ଼ା, ଯୋଗେଶ ଚନ୍ଦ୍ର ବେହେରା, ଔପନ୍ୟାସିକ ରମେଶ ଚନ୍ଦ୍ର ମହାରଣା, ଗୀତିକାର ରବୀନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୁସ୍ତକ ହିଁ ନିଃସ୍ୱାର୍ଥପର ତଥା ପୁସ୍ତକ ପଠନ ମନ ଓ ହୃଦୟରେ ଅପାର ଆନନ୍ଦ ଦେବାରେ ପ୍ରେରଣାର ଉତ୍ସ ପାଲଟି ଯାଏ ବୋଲି ମତବ୍ୟକ୍ତ କରିଥିଲେ। ପୁସ୍ତକପ୍ରେମୀ ଡ. ଦାସ ପୁସ୍ତକ ସଂଗ୍ରହ ତାର ପଠନ ଓ ପୁସ୍ତକର ରକ୍ଷଣାବେକ୍ଷଣା ଏକ ତପସ୍ୟା ଓ ସାଧନା ବୋଲି ମତ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, ସଂଗୀତ ଗୁରୁ ରେମେନ୍ଦ୍ର ମହାପାତ୍ର ସ୍ୱାଗତ ସଂଗୀତ ସି.ଆର.ସି.ସି ରାଧାରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଶାନ୍ତିଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ସାହୁ ପଦ୍ମଲୋଚନ ପଣ୍ଡା ନରେନ୍ଦ୍ର ବେହେରା, ସତ୍ୟନାରାୟଣ ରଣା, ସାରଦାନନ୍ଦ , ଆନନ୍ଦ ରଞ୍ଜନ ଜେନା, ହରିହର ସାହୁ, କବିୟତ୍ରୀ ବାସନ୍ତୀ ଦାସ, ମିନତୀ ପାତ୍ର, ଉତ୍କଳିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଅର୍ପିତା ଦାସ, ଦେବାଶିଷ ମିଶ୍ର, ଚକ୍ରଧର ଦାସ ସହାୟତା କରିଥିଲେ।

## ବିଶ୍ୱ ବନ୍ଧୁତ୍ୱ ଦିବସରେ ବୃକ୍ଷରୋପଣ




ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବ୍ଲକ ସେରଗଡ଼ ଗ୍ରାମରେ ପୁରାଣ ପ୍ରସିଦ୍ଧ ଖଜିରେଶ୍ୱର ପୀଠରେ ବାପାଙ୍କ ସ୍ମୃତିରେ ଗଢ଼ା ହିମାଂଶୁ ହରି ଫାଉଣ୍ଡେସନର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିଜେ ହରି ପ୍ଲାଷ୍ଟର ପରିଚାଳନା ନିର୍ଦ୍ଦେଶକ ଯୁବ ଶିଳ୍ପୋଦୋଗୀ ସଂଗ୍ରାମ ଦାସ ବିଶ୍ୱ ବନ୍ଧୁତ୍ୱ ଦିବସରେ 'ବୃକ୍ଷ ଆମର ବନ୍ଧୁ' ଶୀର୍ଷକ ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରି ମନ୍ଦିର ପରିସରରେ ବିଲ୍ୱ, ଚମ୍ପା, ଚନ୍ଦନ, ଧାତ୍ରୀଅଁଳା, ବିଭିନ୍ନ ରଙ୍ଗର କଞ୍ଚନ, ନାଗେଶ୍ୱର ଚମ୍ପା, ପିଜୁଳି ଆଦି ଅନେକ ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପୂଜକ ଅଜୟ କୁମାର ପଣ୍ଡା, ସମାଜସେବୀ ଗୋବିନ୍ଦ ଦାସ, ଡମ୍ବରୁ ଚଣ୍ଡ, ମାନବାଧୀକାର କର୍ମୀ ସୁଧାକର ସେଠୀ, ଆଇନଜିବୀ ସୋଭନା ମହାନ୍ତି, ସୁଶାନ୍ତ ପରିଡ଼ା, ରଣଜିତ ପୃଷ୍ଟି, ସଂଯୁକ୍ତା ରାଣୀ ବେହେରା ବୃକ୍ଷ ରୋପଣ କରିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ସମସ୍ତ ସହଯୋଗ କରିଥିବା ବେଳେ ଭବାନୀଶଙ୍କର ପଣ୍ଡା, ଉପେନ୍ଦ୍ର ମଙ୍ଗଳ, ଗୋବିନ୍ଦ ମଲ୍ଲିକ, ସନାତନ ମଲ୍ଲିକ, ରତିକାନ୍ତ ବେହେରା, ତ୍ରିଲୋଚନ ବେହେରା, ଅଜୟ ଦାସ, ପ୍ରଦୀପ ଦାସ, ରାଜୁ ଦାସ ପ୍ରତିକୂଳ ପରିବେଶରେ ବି ବିଭିନ୍ନ ଅଞ୍ଚଳରୁ ହିମାଂଶୁ ପ୍ରେମୀଙ୍କ ଭିଡ଼ ଜମିଥିଲା। ବୃକ୍ଷର ସୁରକ୍ଷା ପାଇଁ ଶପଥ ସମସ୍ତେ ନେଇଥିଲେ। ଶେଷରେ ଅନୁଷ୍ଠାନ ତରଫରୁ ମିଷ୍ଟାନ ବଣ୍ଟନ ହୋଇଥିଲା।

## ପୋଭର୍ଟି ଫାଉଣ୍ଡେସନର ବୃକ୍ଷରୋପଣ କାର୍ଯ୍ୟକ୍ରମ





ବାଲେଶ୍ୱର (ପିଏନ୍)-ବର୍ଷାଋତୁରେ ସାରା ଜଗତ ଏବେ ସବୁଜିମାରେ ପରିପୂର୍ଣ୍ଣ ହେଲେ ବର୍ତ୍ତମାନ ସମୟରେ ଜଙ୍ଗଲ ନଷ୍ଟ ଯୋଗୁଁ ବର୍ଷା ଠିକ ଭାବେ ହୋଇପାରୁନି। ତେବେ ଆଗକୁ କିପରି ଅଧିକରୁ ଅଧିକ ବୃକ୍ଷରୋପଣ କରାଯିବ ତତ୍‌ସହିତ ବୃକ୍ଷମାନଙ୍କ ରକ୍ଷଣାବେକ୍ଷଣ କରାଯିବ ଏଥିନେଇ ସାମାଜିକ ଅନୁଷ୍ଠାନମାନେ ତତ୍ପରତା ସହକାରେ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ। ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅନ୍ତର୍ଗତ ସାଉଡ଼ ଗ୍ରାମ ପଞ୍ଚାୟତ ଠାରେ ଥିବା ଶିବ ପ୍ରସାଦ ଜଗନ୍ନାଥ ତ୍ରିଲୋଚନ ସରକାରୀ ହାଇସ୍କୁଲ, ଲାଲମୋହନ ହାଇସ୍କୁଲ ବାଜଣା, ଦାମୋଦର ହାଇସ୍କୁଲ ଥାଲସଡ଼ା ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ପ୍ରଧାନ ଶିକ୍ଷକ ଓ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ବିଜୟ ବାରିକ ସୁଶାନ୍ତ ପରିଡ଼ା, ଗୌରହରି ପରିଡ଼ା, ସବିତା ମହାନ୍ତି, ଜ୍ୟୋତିପ୍ରକାଶ ସେଠି ପ୍ରମୁଖ କାର୍ଯ୍ୟକ୍ରମକୁ ସଠିକ ଭାବେ ତୁଲାଇଥିଲେ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଅମୃତ ମହୋତ୍ସବ ଓ ସ୍ୱାଧୀନତା ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସ୍ୱାଧୀନତା ଦିବସ ୭୫ତମ ପୂର୍ତ୍ତି ଅମୃତ ମହୋତ୍ସବ ଓ ୭୬ ତମ ସ୍ୱାଧୀନତା ଦିବସ ମହା-ସମାରୋହରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକାର ପୌରାଧିକ୍ଷା ରଞ୍ଜୁଲତା ହୋତା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ ଯୋଗଦେଇ ତ୍ରିରଙ୍ଗା ପତାକା ଓ ମଟରସାଇକେଲ ଶୋଭଯାତ୍ରାକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ମହାତ୍ମାଗାନ୍ଧୀ ଓ ଭାରତମାତା ଅନୁଷ୍ଠାନର ସଦସ୍ୟ ସୁକାନ୍ତ ରାଉତ ଓ ସଦସ୍ୟା ତପସ୍ୱୀନି ମଲ୍ଲିକ ସଜ୍ଜିତ ହୋଇଥିଲେ। ଯାଜପୁର ଟାଉନସ୍ଥିତ ଗାନ୍ଧୀଛକ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଜାତୀୟ ସଂଗୀତ ଗାନକରି ଯାଜପୁର ସହର ପରିକ୍ରମା କରିଥିଲେ। ଅନୁଷ୍ଠାନର ଏହିପରି ଏକ ନିଆରା ଢଙ୍ଗର କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରିବା ସହିତ ଭୂୟସୀ ପ୍ରଶଂସା କରାଯାଇଥିଲା। ସରକାରଙ୍କ ଏହିଭଳି ଜନହିତକର କାର୍ଯ୍ୟ ଅନୁଷ୍ଠାନ ନିଃସ୍ୱାର୍ଥପର ଭାବେ କରିଆସୁଅଛି ଏବଂ ଆଗାମୀ ଦିନରେ କରିବ ବୋଲି କର୍ମକର୍ତ୍ତାମାନେ ମତପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଉତ୍କଳ ଆସୋସିଏସନ ନିର୍ବାଚନ



କଟକ (ପିଏନ୍): ଜାମସେଦପୁରର ଅନ୍ୟତମ ସର୍ବପୁରାତନ ଅନୁଷ୍ଠାନ ତଥା ପ୍ରବାସୀ ଓଡ଼ିଆଙ୍କ ସାରସ୍ୱତ ଆତ୍ମାକେନ୍ଦ୍ର ଉତ୍କଳ ଆସୋସିଏସନର ୨୦୨୨-୨୦୨୫ ପାଇଁ କାର୍ଯ୍ୟକାରିଣୀ କମିଟି ସକାଶେ ନିର୍ବାଚନ କରାଯାଇଥିଲା। ଏହି କାର୍ଯ୍ୟକାରିଣୀ କମିଟି ପାଇଁ ୨୫ ଜଣିଆ କମିଟି ଭୋଟ ମାଧ୍ୟମରେ ନିର୍ବାଚିତ ହୋଇଥିଲେ। ସଂସ୍ଥାର ଟ୍ରଷ୍ଟି ଓ ବିଖ୍ୟାତ ଓକିଲ ମନୋରଞ୍ଜନ ଦାଶ ଓ ସୁନାମଧନ୍ୟ ସମାଜସେବୀ ସଙ୍ଗୀତା ବେହେରା, ନିର୍ବାଚନ କମିଟିର ଚେୟାରମ୍ୟାନ ଡାକ୍ତର ଭାନୁପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ସାଧାରଣ ସଂପାଦକ ତରୁଣ କୁମାର ମହାନ୍ତି, ବରିଷ୍ଠ ଉପସଭାପତି ଡଃ. ସଞ୍ଜୟ ପାତ୍ର, ଉପସଭାପତି 'ସିଂହଭୂମ'ର ପ୍ରତିଷ୍ଠାତା କବି ସ୍ତମ୍ଭକାର ବାଦଲ ଭୂୟାଁ, ସଂଯୁକ୍ତ ସଚିବ ବିଭୂତିଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶ ଓ ୧୯ଜଣ ସଦସ୍ୟ ଶପଥ ଗ୍ରହଣ କରିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ୧୯୩୪ ମସିହାରେ ସାକ୍‌ଚିର ଗରମନାଲା ଅଞ୍ଚଳରେ ଅବସ୍ଥିତ ଏ ସଂସ୍ଥା ଝାରଖଣ୍ଡ ପ୍ରଦେଶର ଅନ୍ୟତମ ପୁରୁଖା ସଂସ୍ଥା ଯାହା ଏଠାକାର ଓଡ଼ିଆ ମାନଙ୍କର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଓ ଧାର୍ମିକ ଭାବଧାରାକୁ ଆଗକୁ ବଢଉଥିବା ଏକ ଛାମୁଆଁ ସଙ୍ଗଠନ।

## ସ୍କୁଲ ମଧ୍ୟାହ୍ନ ଭୋଜନର ମାନ ପରଖିଲେ ସରପଂଚ

ଧର୍ମଶାଳା (ପିଏନ): ଧର୍ମଶାଳା ବ୍ଲକ ଆନ୍ଦୁଆଳ ଗ୍ରାମପଂଚାୟତର ସରପଂଚ ସ୍ଥାନୀୟ ଅଂଚଳର ଏକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଇଁ ରୋଷେଇ ହୋଇଥିବା ଖାଦ୍ୟର ମାନ ପରିଖିଛନ୍ତି। ସୂଚନା ମୁତାବକ ଆନ୍ଦୁଆଳ ସରପଂଚ ନର୍ମଦା ସ୍ୱାଇଁ ନିଜ ପଂଚାୟତ ଅଧିନରେ ଆସୁଥିବା ମୁରାରୀପୁରସ୍ଥିତ ଗୋପାଳଜିଉ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଅଚାନକ ଭାବେ ଯାଇ ସେଠାରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ପରଖିବା ସହିତ ଛାତ୍ରଛାତ୍ରୀମାନଙ୍କ ସହିତ ମିଶି ରନ୍ଧାଯାଇଥିବା ମଧ୍ୟାହ୍ନ ଭୋଜନକୁ ଖାଇଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ତଥ୍ୟ ଉପରେ ସତ୍ୟପ୍ରକାଶଙ୍କ ପ୍ରତିକ୍ରିୟା

ଭୁବନେଶ୍ୱର, (ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଆବାହକ ଶ୍ରୀ ସତ୍ୟପ୍ରକାଶ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସଦ୍ୟ ପ୍ରକାଶିତ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟର ବିଶ୍ଳେଷଣ କରି ନବୀନ ଶାସନର ଅପାରଗତା, ଦାୟୀତ୍ୱହୀନତା ଏବଂ ନିଷ୍କ୍ରିୟତାର ତୀବ୍ର ସମାଲୋଚନା କରିଛନ୍ତି। ସେ ତାଙ୍କ ବକ୍ତବ୍ୟରେ ମୋ ସରକାର ଏବଂ ୫ଟିର ଉଦାସୀନତାକୁ ନିନ୍ଦା କରିବା ସହ ଏହା ରାଜ୍ୟରେ ନାଟକବାଜୀ ଏବଂ ପ୍ରସହସନ କରୁଛି ବୋଲି କହଛନ୍ତି। ସଦ୍ୟ ପ୍ରକାଶିତ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ଶିଶୁ ଅପହରଣ ଓ ନାରୀ ନିର୍ଯ୍ୟାତନା କ୍ଷେତ୍ରରେ ଦେଶରେ ଓଡ଼ିଶା ସର୍ବପ୍ରଥମ ସ୍ଥାନର ଅପବାଦ ମୁଣ୍ଡାଇଛି। ଓଡ଼ିଶାରେ ୫ ବର୍ଷରେ ୧୫ ହଜାର ଶିଶୁ ନିଖୋଜ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହିକିଯେ ସେଥିରୁ ୧୨,୧୯୯ ଜଣ ହେଉଛନ୍ତି ଶିଶୁ କନ୍ୟା। ଶ୍ରୀ ନାୟକ କହିଲେ ଯେ ନବୀନ ବାବୁଙ୍କ ମା'କୁ ସମ୍ମାନ ଆହ୍ୱାନ ପାଣିରଗାର ସଦୃଶ। ନାରୀ ସୁରକ୍ଷା ପ୍ରସଙ୍ଗରେ ନବୀନ ସରକାର ନିଜର ପାରିବା ପଣିଆର ଡିଣ୍ଡିମ ପିଟୁଥିବା ବେଳେ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ନବୀନ ସରକାରଙ୍କର ଅସଲ ସ୍ୱରୁପ ପଦାରେ ପକାଇ ଦେଇଛି।



ଓଡ଼ିଶାରୁ ଲଗାତାର ଶିଶୁ କନ୍ୟାଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଛି। ରାଜ୍ୟ ପୋଲିସ ବିଭାଗ, ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ର ମନ୍ତ୍ରୀ, ଡିଜି ପୋଲିସ ଏଭଳି ଶୋଚନୀୟ ଅବସ୍ଥା ପାଇଁ ସାଧାରଣ ଜନତାଙ୍କ ପାଖରେ ଉତରଦାୟୀ ନୁହଁନ୍ତି କି? ଜନସାଧାରଣ କାହା ଉପରେ ଭରଷା କରିବେ। ଏହି ରିପୋର୍ଟ ଉପରେ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି ବା ନିଆଯିବ ତାହା ସରକାରଙ୍କ ପକ୍ଷରୁ ସ୍ୱଷ୍ଟ କରିବାପାଇଁ ଦାବି କରିଛନ୍ତି। ଏଥିନେଇ ସରକାର କାହିଁକି ମୁହଁ ଲୁଚାଇଛନ୍ତି ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। ମାନବଚାଲାଣ ରୋକିବା ପାଇଁ ରାଜ୍ୟରେ ଛତିଶ ପୋଲିସ ଜିଲ୍ଲାରେ ଯେଉଁ ଇଂଟିଗ୍ରେଟେଡ ଆଂଟି ହ୍ୟୁମାନ ଟ୍ରାଫିକିଂ ୟୁନିଟ୍ ଖୋଲଛି ତାହା ସଂପୂର୍ଣ୍ଣ ଅକାମୀ, ବେପୁରଆ ଏବଂ ନିର୍ରଥକ ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ସେହିପରି କ୍ରାଇମବ୍ରାଂଚ ୨୦୧୫ ରୁ ୨୦୧୯ ଭିତରେ ଅପରେସନ ସ୍ମାଇଲ, ମୁସ୍କାନ ଓ ପରୀ ଯୋଜନା ଭଳି ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲା ଏହା କେବଳ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ଉଦ୍ଦିଷ୍ଟ, କାରଣ ଏଭଳି ବ୍ୟବସ୍ଥା ପରେ ବି ଶିଶୁ କନ୍ୟା ନିଖୋଜ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସୁତରାଂ ଓଡ଼ିଶା ଏବେ ମହିଳା ଏବଂ ଶିଶୁ ମାନଙ୍କ ପାଇଁ ଏକ ଅସୁରକ୍ଷିତ ରାଜ୍ୟ ଭାବେ ଦେଶରେ ଉଭା ହୋଇଛି। ସେପଟେ ନିରନ୍ତର ସେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ‘ଲାଇଫଟାଇମ ଆଚିଭିମେଂଟ’ ପୁରସ୍କାର ଦିଆଯାଉଛି। ଅନେକ ସଂସ୍ଥାରୁ ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛତା ଓ ବିକାଶରେ ଅଗ୍ରଣୀ ଓ ପାରଦର୍ଶି ପୁରସ୍କାର ମଧ ମୁଖ୍ୟମନ୍ତ୍ରୀ ପାଇଲେଣି କିନ୍ତୁ ତୃଣମୂଳ ଚିତ୍ର ଭିନ୍ନ। ଅସୁରକ୍ଷିତ ରାଜ୍ୟ, ଅବ୍ୟବସ୍ଥିତ ଓ ଦାୟୀତ୍ୱହୀନ ପ୍ରଶାସନ, ଉତରଦାୟୀତ୍ୱଶୂନ୍ୟ, ଉଦାସୀନତା ଓ ଅପାରଗତାର ଚିତ୍ର ପଟ୍ଟରେ ଜଣେ ମୁଖ୍ୟମନ୍ତ୍ରୀ ପ୍ରଂଶସିତ ଓ ପୁରସ୍କୃତ ହେବା ଓଡ଼ିଶାବାସୀଙ୍କ ଭାଗ୍ୟର ବିଡ଼ମ୍ବନା। ଏବେ ସବୁଠାରୁ ଲଜ୍ୟାକର ବିଷୟ ଏହିକିଯେ ନବୀନ ଶାସନରେ ପୀଡ଼ିତ, ଅତ୍ୟାଚାରିତ ଓ ଉପେକ୍ଷିତ ଓଡ଼ିଶାବାସୀଙ୍କ ପ୍ରକୃତ ଅବସ୍ଥାକୁ ଲୁଚାଇଦେଇ ନବୀନ ବାବୁଙ୍କ ‘ଲାଇଫଟାଇମ ଆଚିଭିମେଂଟ’ ପୁରସ୍କାର ପାଇଁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ପ୍ରଚୁର ଅର୍ଥ ବ୍ୟୟ କରାଯାଇ ବର୍ଣ୍ଣାଢ଼୍ୟ ଆୟୋଜନ ଚାଲିଛି। ବିଜୁ ଜନତା ଦଳର ମହିଳା ସଂଗଠନ ଅମେରୁଦଣ୍ଡୀ। ମହିଳାଙ୍କ ପ୍ରତି ଅପରାଧ କ୍ଷେତ୍ରରେ ଦେଶର ହାର ଠାରୁ ରାଜ୍ୟର ହାର ବଢ଼ିଯାଇଛି। ଦେଶରେ ୧୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୨୩ ପ୍ରତିଶତ ରହିଛି। ସେହିପରି ଏହି କ୍ଷେତ୍ରରେ ଦଣ୍ଡବିଧାନରେ ଜାତୀୟ ହାର ୨୬ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ତାହା ୮ ପ୍ରତିଶତରେ ସିମୀତ ରହିଛି। ମହିଳାମାନଙ୍କ ପ୍ରତି ଏ ରାଜ୍ୟର ଭୟଙ୍କର ବିପଦ ସୃଷ୍ଟି ହୋଇଥିବା ବେଳେ ଏ ସଂଗଠନ ନିର୍ବାକ ହୋଇ ବସିଛି। ସୁତରାଂ ଓଡ଼ିଶାର ‘ମହିଳା’ ଅସୁରକ୍ଷିତ, ମାତ୍ର ନବୀନ ପୁରସ୍କୃତ ଏଠାରେ ସ୍ୱଷ୍ଟ ଚିତ୍ର ଆସିଛି ଯେ ୨୦୧୯ ରେ ମହିଳା ନିର୍ଯ୍ୟାତନା କ୍ଷେତ୍ରରେ ୨୩୧୮୩ ଟି ମାମଲା ପିକୃତ ହୋଇଥିବା ବେଳେ ୨୦୨୦ ରେ ୨୫୪୮୯ ଏବଂ ୨୦୨୧ ରେ ୩୧୩୫୨ ଟି କେସ ପିକୃତ ହୋଇ ସମୁଦାୟ ୨୦ ପ୍ରତିଶତ ବୃଦ୍ଧି ପାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ଶ୍ରୀମତୀ ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ।

# ଦୁଷ୍କର୍ମର ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ବଲାଙ୍ଗିର,(ପି.ଏନ): ବଲାଙ୍ଗୀର ସଦର ପୋଲିସ ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମର ଜଣେ ୧୫ ବର୍ଷର ନାବାଳିକା ବେବି ବଛା (ଛଦ୍ମନାମ) ଝିଅକୁ ସେହି ଗ୍ରାମର ବସନ୍ତ ବିଶି ପ୍ରେମ ଜାଲରେ ଫସାଇ ତାକୁ ବଲାଙ୍ଗୀର ଆଣି ସେଠାରୁ ଟ୍ରେନ୍ ?ରେ ସୁଦୁର ରାଜକୋଟକୁ ନେଇ ସେଠାରେ ଝିଅର ଅନିଛା ସତ୍ତ୍ୱେ ବାରମ୍ବାର ତା ସହିତ ଦୁଷ୍କର୍ମ କରିଥିଲା। ନାବାଳିକାକୁ ନିଜ ସହିତ ସେଠାରେ ୬ ମାସ ପର୍ଯ୍ୟନ୍ତ ରଖି ଥଲା। ପରେ ନାବାଳିକା ଜଣକୁ ରାଜକୋଟରୁ ସମ୍ବଲପୁର ନେଉଥିବା ସମୟରେ ପୋଲିସ ଖବର ପାଇ ପୀଡିତା ଝିଅକୁ ଉଦ୍ଧାର କରିଥିଲା। ଝିଅ ର ପିତା ଗୋପବନ୍ଧୁ ବଛା ଙ୍କ ରିପୋର୍ଟକୁ ଆଧାର କରି ବଲାଙ୍ଗିର ସଦର ପୋଲିସ ଅଭିଯୁକ୍ତ ଙ୍କ ନାମରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୬୩,୩୬୬, ୩୭୬(୨) ଏବଂ ଏବଂ ଦଫ ୬ ପୋକ୍ ?ସୋ ଆକ୍ଟ ରେ କେସ ଦାୟର ହୋଇଥିଲା। ଗତ ୩୦.୦୮.୨୦୨୨ ଦିନ ବଲାଙ୍ଗିର ଫାଷ୍ଟ ଟ୍ରାକ୍ ସ୍ପେସିଆଲ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ୧୬ ଜଣ ସାକ୍ଷ୍ୟଙ୍କ ବୟାନ କୁ ଆଧାର କରି ଅଭିଯୁକ୍ତ ବସନ୍ତ ବିଶି ଙ୍କୁ ଦୋଷୀ ସାବ୍ୟସ୍ତ କରି ଧାରା ୬ ପୋକ୍ ?ସୋ ଆକ୍ଟ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ହଜାର ଟଙ୍କା ଜରିବାନା ଅନାଦେୟରେ ଆଉ ଦୁଇ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଏବଂ ଧାରା ୩୬୬ ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିବାନା ଏବଂ ଅନାଦେୟରେ ଆଉ ବର୍ଷେ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାର ତଥା ପୀଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଜୟରାମ ମିଶ୍ର କେସ୍ ଲଢୁଥିଲେ।

# ଫର୍ନସ ଏନ ପେଟାଲ୍ସ ପକ୍ଷରୁ ପୁରୀରେ ଏହାର ପ୍ରଥମ କେକ ଓ ଫୁଲ ଷ୍ଟୋର ଉନ୍ମୋଚିତ

ପୁରୀ,(ପି.ଏନ): ସାରା ଭାରତରେ ଏହାର ଦ୍ରୁତ ବିକାଶ ଓ ବିସ୍ତାର ଲକ୍ଷ୍ୟରେ ଫର୍ନସ ଏନ ପେଟାଲ୍ସ ଓଡ଼ିଶାର ପୁରୀରେ ଏହାର ନୂଆ କେକ ଓ ଫୁଲ ଦୋକାନକୁ ଶୁଭାରମ୍ଭ କରିଛି। ୭୫୦ ବର୍ଗଫୁଟ ସ୍ଥାନରେ ଏହି ଦୋକାନଟି ଅକ୍ଷୟ ପାତ୍ର ଫାଉଣ୍ଡେସନ, ଗ୍ରାଣ୍ଡ ରୋଡ, ପୁରୀଠାରେ ଅବସ୍ଥିତ। ଏଠାରେ ଦେଶୀ ବିଦେଶୀ ଫୁଲ, ପ୍ଲାଂଟର୍ସ, ତାଜା କେକ, କୃତ୍ରିମ ଫୁଲ, ସାଜସଜ୍ଜା ସାମଗ୍ରୀ ଉପଲବ୍ଧ ହେବ। ଏହି ବ୍ରାଣ୍ଡରେ ଦେଶ ବ୍ୟାପୀ ଉଭୟ କେକ ଓ ଫୁଲ ପାଇଁ ୪୦୦+ ମୋଟ ଖୁଚୁରା ଦୋକାନ ରହିଛି ଯାହା ମଧ୍ୟରେ ୨୭୩ଟି ଫୁଲ ପାଇଁ ଓ ୧୫୦ଟି କେକ ଦୋକାନ ଅଛି। ଏକ ଉଚ୍ଚମାନ ବଜାୟ ରଖି କଂପାନି ଲକ୍ଷ୍ନୌ, ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର, ପୁନେ, କୋଲକାତା, ଜୟପୁର, ପାଟଣା ଓ ହାଇଦ୍ରାବାଦରେ ୧୨ଟି ବେସ କିଚେନ ସ୍ଥାପନ କରିଛି। ଏହି ଦୋକାନର ଶୁଭାରମ୍ଭ ସଂପର୍କରେ ଶ୍ରୀ ଅନିଲ ଶର୍ମା, ସିଓଓ, ରିଟେଲ ଓ ଫ୍ରାଂଚାଇଜି, ଫର୍ନସ ଏନ ପେଟାଲ୍ସ କହିଛନ୍ତି ଯେ ଓଡ଼ିଶାର ପୁରୀରେ ଆମେ ଦୋକାନ ଖୋଲିଥିବାରୁ ଆନନ୍ଦିତ। ନୂତନ ପଥରେ ଆଗେଇବା ଓ ଦ୍ରୁତ ବିସ୍ତାର ଯୋଜନା ସହିତ ଆମର ବ୍ରାଣ୍ଡର ଗତିଧାରା ଜାରୀ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଅସାଧାରଣ



ଗ୍ରାହକ ସେବା ଓ ବ୍ରାଣ୍ଡ ଅଭିଜ୍ଞତାକୁ ମୂଳମନ୍ତ୍ର କରି ଆମେ ବିଶ୍ୱସନୀୟତା ସ୍ଥାପନ ଲକ୍ଷ୍ୟ ରଖିଛୁ। ସଂପ୍ରତି ଆମେ ଗୁଣମାନର ସେବା ଓ ନେଟ୍‌ୱର୍କ ବିସ୍ତାର ଦ୍ୱାରା ଗ୍ରାହକମାନଙ୍କ ସହିତ ଏକ ଦୀର୍ଘସ୍ଥାୟୀ ସଂପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦେଉଛୁ। ଏହି ଷ୍ଟୋରରେ ବିଭିନ୍ନ କଟା ଫୁଲ ଓ ଅନ୍ୟାନ୍ୟ ଫୁଲର ବ୍ୟବସ୍ଥା, କୃତ୍ରିମ ଓ ଶୁଖିଲା ଫୁଲ, ଉଦ୍ଭିଦ ଓ ସାଜସଜ୍ଜା ସାମଗ୍ରୀ ସହିତ ସୁଗନ୍ଧିତ ମହମବତୀ, ମହମବତୀ ଷ୍ଟାଣ୍ଡ, ଆମଦାନିକୃତ ଇଟାଲି ଗ୍ଲାସ ଭେଜ ଓ ସ୍ୱତନ୍ତ୍ର ଉପହାର ସାମଗ୍ରୀ ଉପଲବ୍ଧ ହୋଇଥାଏ। ଏହା ବ୍ୟତୀତ ଫଟୋ ଫ୍ରେମ, ଡିଜାଇନର, ଆରୋମାଥେରାପି ଓ ପୋଟୋପୋରିସ ଉପରେ ଆଧାରିତ ସ୍ୱତନ୍ତ୍ର ଧୂପ, ବିଶେଷ ଫୁଲ ଓ ଆକର୍ଷଣୀୟ ସାମଗ୍ରୀ ଉପଲବ୍ଧ ହୋଇଥାଏ। ସେହିପରି କେକ ଷ୍ଟୋରରେ ତାଜା କେକ ସାମଗ୍ରୀ, ଚକୋଲେଟ,ସ୍ନାକସ, ପାନୀୟ ଓ ଅନ୍ୟାନ୍ୟ ସାଭୋରିୟସ, ବିବାହ ପାଇଁ କେକ, ବେଲୁନ ଆର୍ଟ ଓ ପାର୍ଟି ଆସେସୋରିଜ, ବ୍ୟକ୍ତିଗତ ଉପହାର ସାମଗ୍ରୀ ତଥା ଗ୍ରୀନ ପ୍ଲାଂଟର୍ସ ଏହା ପ୍ରମୁଖ ସାମଗ୍ରୀ ଭାବରେ ରହିଛି। ଏହି ବ୍ରାଣ୍ଡ ମର୍ତମାନ ଆନ୍ତର୍ଜାତିକ ବଜାରରେ ତାର ଉପସ୍ଥିତି ଯଥା ୟୁଏଇ, କ୍ୱାତାର ଓ ସିଙ୍ଗାପୋରରେ ରହିଛି। ଷ୍ଟୋର ଠିକଣା- ଅକ୍ଷୟ ପାତ୍ର ଫାଉଣ୍ଡେସନ, ଗ୍ରାଣ୍ଡ ରୋଡ, ପୁରୀ-୭୫୨୦୦୧

# ଟି୨୦ ସିଜନ୍‌ରେ ଭାରତର ‘ରିଅଲ୍ ହିରୋ’ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି। ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି। ଏହି ‘ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ’ ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜରମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ। ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି। ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ। ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ। ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା।

# ସାଉଥ ଆଫ୍ରିକାର ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ବାଲି/ଭୁବନେଶ୍ୱର,(ପି.ଏନ): ଶିକ୍ଷା କ୍ଷେତ୍ରରେ ଭାରତ ଓ ସାଉଥ ଆଫ୍ରିକାର ଦ୍ୱିପାକ୍ଷିକ ସମ୍ପର୍କକୁ ସଶକ୍ତ କରିବା ପାଇଁ ଜଏଣ୍ଟ୍ ୱାର୍କିଂ ଗ୍ରୁପ ଗଠନ ହେବ। ଆଜି ସାଉଥ ଆଫ୍ରିକାର ଉଚ୍ଚ ଶିକ୍ଷା, ବିଜ୍ଞାନ ଓ ନବସୃଜନ ମନ୍ତ୍ରୀ ଡ. ବି ଇମାନ୍ୟୁଏଲ ବ୍ଲେଡ୍ ନିମାଣ୍ଡେଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେବା ପରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା, ଦକ୍ଷତା ବିକାଶରେ ଉଭୟ ରାଷ୍ଟ୍ର ପରସ୍ପର ସହଯୋଗୀ ହେବା ଏବଂ ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ସାଉଥ ଆଫ୍ରିକାର ମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି। ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଅନ୍ତର୍ଜାତୀୟକରଣ କରିବାର ମାର୍ଗ ପ୍ରଶସ୍ତ କରିଛି। ଉଚ୍ଚ ଶିକ୍ଷା ଓ ଦକ୍ଷତା ବିକାଶ ଅନୁଷ୍ଠାନ, ଦକ୍ଷତା ଭିତ୍ତିକ ଯୋଗ୍ୟତା ଓ ଦକ୍ଷତା ବିକାଶର କ୍ଷମତା ଗଠନ ଦିଗରେ ଭାରତ ଓ ସାଉଥ ଆଫ୍ରିକା ଆନୁଷ୍ଠାନିକ ଭାବରେ ସହଯୋଗୀ ହେବା ପାଇଁ ଆଲୋଚନା କାଳରେ ସହମତି ପ୍ରକାଶ ପାଇଛି। ଏହି ବୈଠକ ପରେ ଶ୍ରୀ ପ୍ରଧାନ ବାଲି ଠାରେ ଥିବା ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟୋରିଜମ ଆଣ୍ଡ୍ ବିଜନେସ୍ ଅନୁଷ୍ଠାନ ପରିଦର୍ଶନ କରିବା ସହ ଅନୁଷ୍ଠାନର କୁଳପତି ଡ. ଆଇ ମେଡ୍ ସୁଜାନାଙ୍କୁ ଭେଟିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦକ୍ଷତା ବିକାଶ କ୍ଷେତ୍ରରେ ଏଭଳି ଅନୁଷ୍ଠାନ ଗୁଡ଼ିକ ସହଯୋଗୀ ହେଲେ ପର୍ଯ୍ୟଟନ ଉଦ୍ୟମିତାକୁ ପ୍ରୋତ୍ସାହନ ମିଳିବ ଏବଂ ପରିଭ୍ରମଣ, ପର୍ଯ୍ୟଟନ, ଆତିଥ୍ୟ, ବ୍ୟବସାୟ ତଥା ବ୍ୟାପାର କ୍ଷେତ୍ରରେ କ୍ଷମତା ବୃଦ୍ଧି ଘଟିବ। ଶିକ୍ଷାନୁଷ୍ଠାନର କୁଳପତି ଡ. ସୁଜାନା ମଧ ଭାରତର ଶିକ୍ଷାନୁଷ୍ଠାନ ସହ ସହଯୋଗୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ସାକ୍ଷାତ୍ ପରେ କେନ୍ଦ୍ରମନ୍ତ୍ରୀ ଉକ୍ତ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ମଧ ଭେଟି ମଧ ଆଲୋଚନା କରିଥିଲେ।

# ଏନଟୋଡ ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ ଚକ୍ଷୁଦାନ ପାଇଁ ଜନସଚେତନତା ଅଭିଯାନ

ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରୀୟ ଚକ୍ଷୁଦାନ ପକ୍ଷ ଅବସରରେ ଏନଟୋଡ ଦେଶର କେତେକ ରାଜ୍ୟରେ ଚକ୍ଷୁଦାନର ମହତ୍ୱ ଓ ଲୋକମାନଙ୍କୁ ଏ ସଂପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଆୟୋଜିତ କରିଛି ଏବଂ ପ୍ଲେଜ ମାଇଁ ଆଇର ପଦକ୍ଷେପଟି ହେଉଛି ଭାରତୀୟ ଲୋମାନଙ୍କୁ ସେମାନଙ୍କ ଚକ୍ଷୁର ଯତ୍ନ ନେବା ଦିଗରେ ଉତ୍ସାହିତ କରିବା। ଏନଟୋଡ ଫାର୍ମାସ୍ୟୁଟିକାଲସ ଦେଶର ଅଗ୍ରଣୀ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ସ୍ୱେଚ୍ଛାକୃତ ଚକ୍ଷୁ ଦାନ ସଂପର୍କରେ ଲୋକମାନଙ୍କୁ ସଚେତନ କରାଉଛି। ଏହି ପଦକ୍ଷେପ ସାରା ଦେଶରେ ୨୦ ନିୟୁତରୁ ଅଧିକ ଲୋକଙ୍କ ପାଖରେ ପହଁଚିବାକୁ ଲକ୍ଷ୍ୟ ରଖାଯାଇଛି। କୋଭିଡ -୧୯ ମହାମାରୀ ଦ୍ୱାରା ୨୦୧୯-୨୧ ମଧ୍ୟରେ ଚକ୍ଷୁଦାନ ହାର କମି ଯାଇଥିଲା। ଯଦ୍ୱାରା କର୍ଣ୍ଣିଆ ପ୍ରତିରୋପଣ ପାଇଁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୨୦୧୯ରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ୫୦୯୫୩ଟି କର୍ଣ୍ଣିଆ ସଂଗ୍ରହ କରାଯାଇଥିଲା। ଏପ୍ରିଲ ୨୦୨୦ରୁ ମାର୍ଚ୍ଚ ୨୧ ମଧ୍ୟରେ ୧୮୩୫୯ କର୍ଣ୍ଣିଆ ସଂଗ୍ରହ କରାଯାଇଥିଲା। ଭାରତରେ ପ୍ରାୟ ୬୮ ଲକ୍ଷ ଲୋକେ ଅନ୍ତତଃ ପକ୍ଷେ ଗୋଟିଏ ଆଖିରେ କର୍ଣ୍ଣିଆ ସମସ୍ୟାରେ ପୀଡ଼ିତ ଏଥି ମଧ୍ୟରୁ ୧୦ ଲକ୍ଷ ଲୋକଙ୍କ ଉଭୟ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହୋଇଯାଇଛି। ପ୍ରତିବର୍ଷ ୭୫୦୦୦ ଲୋକ ଏହି ସମସ୍ୟାରେ ପୀଡ଼ିତ ହୋଇ ସୁଦ୍ଧା ଉପଯୁକ୍ତ ସହାୟତା ଅଭାବରୁ ଦୃଷ୍ଟି ଲାଭ ସୁଯୋଗ ପାଇ ପାରୁ ନାହାନ୍ତି। ତେଣୁ ଚକ୍ଷୁ ଦାନର ମହତ୍ୱ ସଂପର୍କରେ ଲୋକମାନଙ୍କୁ ସଠିକ ଭାବରେ ବୁଝାଇବା ଆବଶ୍ୟକ। ଲୋକମାନଙ୍କ ମନରେ ଚକ୍ଷୁ ଦାନ ଉପରେ ରହିଥିବା ଭୁଲ ଧାରଣାକୁ ତୃଣମୂଳ ସ୍ତରରୁ ଦୂର କରିବାକୁ ଆମେ ପ୍ରୟାସ କରୁଛୁ ବୋଲି ଏନଟୋଡ ଫାର୍ମାସ୍ୟୁଟିକାଲସର ସିଇଓ ଶ୍ରୀ ନିଖିଳ କୁମାର ମାସୁରକର କହିଛନ୍ତି। ଭାରତରେ ବର୍ତମାନର କର୍ଣ୍ଣିଆ ସଂଗ୍ରହ କର୍ଣ୍ଣିଆ ପ୍ରତିରୋପଣ ଅବଶ୍ୟକ କରୁଥିବା ରୋଗୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ ରୋଗୀଙ୍କୁ ଯୋଗାଇବାରେ ସକ୍ଷମ ହୋଇ ପାରିଛି। ସଚେତନତାର ଅଭାବ ହେତୁ ଚକ୍ଷୁ ଦାନ ସଂଗ୍ରହ ବାଧା ପ୍ରାପ୍ତ ହେଉଛି। ଭୁବନେଶ୍ୱର ପରି ସହରରେ ଚକ୍ଷୁ ବ୍ୟାଙ୍କର ସଫଳତା ବହୁତ କମ ଥିବା ଜଣାଯାଏ। ଏଥିପାଇଁ ସରକାରୀ ସ୍ତରରେ ଯତ୍ନ ଓ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ସରକାରଙ୍କ ଦ୍ୱାରା ଅଧିକରୁ ଅଧିକ ପ୍ରତିରୋପଣ କେନ୍ଦ୍ରର ଆବଶ୍ୟକତା ରହିଛି ବୋଲି କର ଭିଜନ ଆଇ ହସପିଟାଲ ପ୍ରା ଲିଃର ଡାକ୍ତର ଅଶୋକ କୁମାର ନନ୍ଦ ପ୍ରକାଶ କରିଛନ୍ତି।

# ବିଜେଡିର ସଂପୃକ୍ତି ପାଇଁ ରାଜ୍ୟରେ ଅପରାଧ ବଢୁଛି , ଦଣ୍ଡବିଧାନ ହ୍ରାସ ପାଉଛି : ବିଜେପି

ଭୁବନେଶ୍ୱର, (ପି.ଏନ): ଏନ୍‌ସିଆରବି ରିପୋର୍ଟ -୨୦୨୧ (ଜାତୀୟ କ୍ରାଇମ ରେକର୍ଡସ ବ୍ୟୁରୋ) ଓଡିଶାବାସୀଙ୍କ ପାଇଁ ଅତ୍ୟନ୍ତ ଚିନ୍ତାଜନକ। ୨୩ ବର୍ଷର ନିରୁଙ୍କଶ ଶାସନ ପରେ ମଧ ଓଡିଶାର ମା ଓ ଭଉଣୀମାନେ ନ୍ୟାୟ ପାଇବା ବର୍ତମାନ ଦିବା ସ୍ୱପ୍ନରେ ପରିଣତ ହୋଇଛି। ଅପରାଧିକ ସାମ୍ରାଜ୍ୟ ବୃଦ୍ଧି ପାଇଁ ଓଡିଶାରେ ଅପରାଧୀଙ୍କ ଭିତରେ ଆରମ୍ଭ ହୋଇଥିବା ପ୍ରତିଯୋଗିତାକୁ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ଯେଉଁଠି ମୁଖ୍ୟମନ୍ତ୍ରୀ ବିଭିନ୍ନ ଅପରାଧରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ସାଙ୍ଗରେ ନେଇ ସଭା ଓ ବିଦେଶ ଯାତ୍ରା କରୁଛନ୍ତି, ସେଇଠି ଅପରାଧ ନିୟନ୍ତ୍ରଣ ଏବଂ ଦଣ୍ଡବିଧାନ ଆଶା ନିରର୍ଥକ। ଏପରିକି ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ ଏଭଳି ଅପରାଧିକ କାର୍ଯ୍ୟରେ ସଂପୃକ୍ତ ରହୁଛନ୍ତି ଏବଂ ମୁଖିଆ ସେମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି। ରାଜ୍ୟରେ ଅପରାଧ କ୍ରମାଗତ ଭାବେ ବୃଦ୍ଧି ପାଇବା ଏବଂ ଦଣ୍ଡବିଧାନ ହାର ହ୍ରାସ ପାଇବାର ଏହା ହିଁ ମୁଖ୍ୟ କାରଣ ବୋଲି ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ କହିଛନ୍ତି। ଓଡିଶାରେ ମହିଳା ବିରୋଧୀ ହିଂସା କ୍ରମାଗତ ବୃଦ୍ଧି ପାଇଚାଲିଥିବାବେଳେ, ଦଣ୍ଡବିଧାନ ହାର କ୍ରମାଗତ ହ୍ରାସ ପାଇଚାଲିଛି। ୨୦୨୧ ମସିହାରେ ୧୪,୮୫୩ ମହିଳା ଉତ୍ପୀଡନ ମାମଲା ସହିତ ଦେଶରେ ଏକ ନମ୍ବର ସ୍ଥାନରେ ରହିଛି ଓଡିଶା। ପୂର୍ବ ବର୍ଷ ୨୫,୪୮୯ ଟି ମହିଳାଙ୍କ ବିରୋଧ ଅପରାଧ ଘଟିଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୩୧,୩୫୨କୁ ପହଂଚିବା ସହିତ ସର୍ବଭାରତୀୟ ସ୍ତରରେ ୫ମ ସ୍ଥାନରେ ଓଡିଶାର ରହିଛି। ମହିଳା ଅପହରଣ ୩୭ ପ୍ରତିଶତ; ମହିଳା ଅସଦାଚରଣ ୧୭.୮ ପ୍ରତିଶତ; ବଳାତ୍କାର ମାମଲା ୨୦.୨୩ ପ୍ରତିଶତ; ନାବାଳିକା ଯୌନ ନିର୍ଯାତନା ୧୩.୩୫ ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି।


MAHARISHI PUBLIC SCHOOL

ବା ବିଦ୍ୟାପୀଠ

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday September 02, 2022 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୦୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com







# ଚଣ୍ଡିଖୋଲ ଛକରେ ନିର୍ମିତ ପାଣି ଟାଙ୍କିରୁ ବାହାରୁ ନାହିଁ ପାଣି, ଯାତ୍ରୀ ହନ୍ତସନ୍ତ



ଦର୍ପଣ,(ପି.ଏନ୍): ଚଣ୍ଡିଖୋଲ ଛକ ୧୬ ନମ୍ବର ଏବଂ ୫୩ ନମ୍ବର ଜାତୀୟ ରାଜପଥର କେନ୍ଦ୍ରସ୍ଥଳ। ଚଣ୍ଡିଖୋଲ ଛକ ଦେଇ ଚେନ୍ନାଇ ଠାରୁ କଲିକତା ପର୍ଯ୍ୟନ୍ତ ଓ ଦୈତାରୀ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ସଂଗମ ସ୍ଥଳ। ଭାରୀଯାନ, ବସ୍, ୪ ଚକିଆ ଯାନ ସହିତ ବାଇକ୍ ଆରୋହୀମାନେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଯାତାୟତ କରିଥାନ୍ତି। ଏଠାରେ ବସ୍‌ରୁ ଯାତ୍ରୀମାନେ ଓହ୍ଲାଇ ଥିବା ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର ଓ ପାନୀୟଜଳର ଉକ୍ଟ ଅଭାବ ଦେଖାଯାଇ ଥାଏ। ମହିଳାମାନଙ୍କ ପାଇଁ ପରିଶ୍ରା ଗାର ଓ ପାଇଖାନା ନଥିବାରୁ ମହିଳାମାନେ ବହୁ ଅସୁବିଧାରେ ସମ୍ମୁଖିନ ହୋଇଥାନ୍ତି। ଚଣ୍ଡିଖୋଲ ଛକର ଜାତୀୟ ରାଜପଥ କଡ଼ରେ ବସ୍ ଯିବା ପାଇଁ ରାସ୍ତା ହୋଇଥିଲେ ହେଁ ସେଠାରେ ପରିବା ବେପାରୀ ଓ ୪ ଚକିଆ ଯାନ ପାର୍କିଂ କରି ରହୁଛନ୍ତି। ପରିବା ମାର୍କେଟ୍ ଯେଉଁଠି ହେଉଛି ବର୍ଷା ଦିନେ ସେଠାରେ ଏକ ଫୁଟ୍ ର ପାଣି ମାଡ଼ି ରହୁଛି ଓ ଆବର୍ଜନା ମଧ୍ୟ ଗଦାହୋଇ ପଡ଼ି ରହିଛି। ସେଠାକୁ ଯେଉଁମାନେ ପରିବା କିଣିବାକୁ ଯାଇଥାନ୍ତି ସେମାନଙ୍କୁ ବିଭିନ୍ନ ପ୍ରକାର ରୋଗ ହେବାର ଆଶଙ୍କା ଥାଏ। ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ୨ଟି ଯାତ୍ରୀ ବିଶ୍ରାମାଗାର କରାଯାଇଥିଲେ ହେଉଁ ସେଠାରେ ଯାତ୍ରୀମାନଙ୍କୁ ବିଶ୍ରମ କରିବାର କେବେ ଦେଖାଯାଇ ନଥାଏ। ବିଶ୍ରାମା ଗାର ସମ୍ମୁଖରେ ପାଣି, କାଦୁଅ ଓ ଆବର୍ଜନା ଆଜି ଯାଏଁ ପଡ଼ି ରହିଥିବାର ଦେଖିବାକୁ ମିଳୁଛି। ପ୍ରକାଶ ଥାଉକି ଯାଜପୁର ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ତାଙ୍କ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ମଂଜୁର କରିଥିଲେ, ପାଣି ଟାଙ୍କି ଓ ଯାତ୍ରୀ ବିଶ୍ରାମାଗାର କରିବା ପାଇଁ ତାହା ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଯାତ୍ରୀ ବିଶ୍ରାମାଗାରରେ କୁକୁରମାନେ ବସୁଥିବାର ଦେଖାଯାଉଛି। ଯେଉଁ ପାଣି ଟାଙ୍କି ନିର୍ମାଣ କରାଯାଇଅଛି। ସେଥିରୁ ବିଶୁଦ୍ଧ ଜଳ ବାହାରିବାର ଦେଖାଯାଉ ନାହିଁ। ଜଣାପଡ଼େ ଯେଉଁ କାର୍ଯ୍ୟ ହୋଇଛି ତାହା ଅତ୍ୟନ୍ତ ନିମ୍ନମାନର। ସାଂସଦ ମହାଶୟା ଉକ୍ତ ପାଣି ଟାଙ୍କି ଓ ଯାତ୍ରୀ ବିଶ୍ରାମାଗାରକୁ ଉଦଘାଟନ କରିଥିଲେ ହେଁ ପରବର୍ତୀ ଅବସ୍ଥାରେ ଏ ଯୋଜନା ପ୍ରତି ଦୃଷ୍ଟି ପଡ଼ିନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଅଛି। ଯୋଜନା ନାମକୁ ମାତ୍ର କରି ଅଧିକ ପ୍ରଂଶସିତ ହେବା ପାଇଁ ଯେଉଁମାନେ ଚେଷ୍ଟା କରୁଛନ୍ତି ସେ କଥାକୁ ସାଧାରଣ ଲୋକ ଗ୍ରହଣ କରିବା ବଡ଼ କଷ୍ଟକର ବୋଲି ସାଧାରଣରେ ଆଲୋଚନା ହେଉଅଛି।

## ଜୟପୁରରେ ଗଣେଶ ପୂଜା

ଜୟପୁର,(ପି.ଏନ): ଜୟପୁର ରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଛି। ଜୟପୁର ସହରର ବିକ୍ରମ ଦେବ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ, ବିଦ୍ୱାନ ଜୁନିୟର କଲେଜ, ଶାରଦାବିହାର ସ୍ଥିତ ବିଦ୍ୟାମନ୍ଦିର, ଅରବିନ୍ଦନଗର ସ୍ଥିତ ଶିଶୁ ବିଦ୍ୟା ମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଆଦିରେ ବିଘ୍ନ ବିନାଶନ ଙ୍କ ପୁଜା ଆରମ୍ଭ ହୋଇଛି। ଛାତ୍ରୀ ଛାତ୍ର ମାନେ ନୁଆଡ୍ରେସ ପିନ୍ଧି ସକାଳୁ ସକାଳୁ ହାତରେ ନଡିଆ, କଦଳୀ ଧରି ସ୍କୁଲ ଅଭିମୁଖେ ବାହାରିଥିବା ଦେଖା ଯାଇଥିଲା । ସ୍କୁଲ ମାନଙ୍କରେ ପ୍ରଭୁ ଗଣେଷ ଙ୍କୁ ପୁଷ୍ପାଞ୍ଜଳି ଦେବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା। ଜୟପୁର ଅରବିନ୍ଦ ନଗର ସରସ୍ୱତୀ ଶିଶୁ ମନ୍ଦିରରେ ମହସମାରୋହରେ ଗଣେଷ ପୁଜା ପାଳିତ ହୋଇଛି। ୨୦୨୦ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସବୋଚ୍ଚ ସ୍ଥାନ ପ୍ରାପ୍ତ କରିଥିବା ଶ୍ରୀୟା ନାୟକଙ୍କ ମାତା ସବିତା ନାୟକ ଓ ପିତା ସନ୍ତୋଷ କୁମାର ନାୟକ କର୍ତାରୁପେ ଦାୟିତ୍ୱ ବହନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀ କାନ୍ତ ମିଶ୍ର ବିଦ୍ୟାଳୟର ଉତୋରତର ଉନ୍ନତି ପାଇ ମଙ୍ଗଳ କାମନା କରିଥିଲେ। ଶିକ୍ଷା ବିକାଶ ସମିତି ଓଡିଶା ଦକ୍ଷିଣ ସଂଭାଗ ସଂଯୋଜକ ସୁକାନ୍ତ କୁମାର ବେହେରାଙ୍କ ସମେତ ଜୟପୁର ସହରର ଅନେକ ମାନ୍ୟଗଣ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ।

## ପାରାଦୀପ ବନ୍ଦରରେ ରେକର୍ଡ ସଂଖ୍ୟକ ପଣ୍ୟ କାରବାର

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଆଜି ପଣ୍ୟ କାରବାରରେ ଏକ ରେକର୍ଡ ସୃଷ୍ଟି କରିଛି। କୋଷ୍ଟାଲ ସିପିଂ ନାମକ ଏକ କମ୍ପାନି ଆଜି 'ଏମଭି ଆରବେଲା' ଜାହାଜରେ ୧,୪୯,୬୫୧ ମେଟ୍ରିକ୍ ଟନ୍ ପଣ୍ୟ ବୋଝେଇ କରିଛି। ଯାହାକି ପାରାଦୀପ ବନ୍ଦରର ଏକ ରେକର୍ଡ। ପୂର୍ବରୁ 'ଏମଭି ସାଇନୋ ଗାର୍ଡିଆନ୍' ଜାହାଜରେ ୧,୪୮,୫୦୦ ମେଟ୍ରିକ୍ ଟନ୍ ପଣ୍ୟ କାରବାର ହୋଇଥିଲା। ପାରାଦୀପ ବନ୍ଦରର ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।




## ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଗଜାନନଙ୍କ ପୂଜା

ପୁରୀ,(ପି.ଏନ): ପବିତ୍ର ଗଣେଶ ଚତୁର୍ଥୀ। ଶ୍ରୀମନ୍ଦିରରେ ବଟ ଗଣେଶଙ୍କ ସ୍ୱତନ୍ତ୍ର ପୂଜା କରାଯାଇଛି। ଅନେକ ଭକ୍ତ ଗଣେଶଙ୍କୁ ଦର୍ଶନ କରିଛନ୍ତି। ଶ୍ରୀକ୍ଷେତ୍ରର ବିଭିନ୍ନ ଛକ ଓ ସାହିଗଳି ସମେତ ସ୍କୁଲ କଲେଜ ମାନଙ୍କରେ ଆନନ୍ଦ ଉଲ୍ଲାସର ସହ ଗଣେଶ ପୂଜା ପାଳିତ ହୋଇଯାଇଛି। ସହରସାରା ଗଣେଶଙ୍କ ମନ୍ତ୍ର ଧ୍ୱନୀ ଘଂଟ ଘଂଟା ଶବ୍ଦ ସହ ଝୁଣା ଧୂପରେ ମହକୁଛି । ବଡ଼ଦାଣ୍ଡରେ ମରଚିକୋଟ ଛକ,ଶନି ମନ୍ଦିର ଛକ, ମାର୍କେଟ ଛକ, ବଳଗଣ୍ଡି ଛକ, ମେଡ଼ିକାଲ ଛକ, ବଡ଼ଶଙ୍ଖ, ଗୁଣ୍ଡିଚା ମନ୍ଦିର ଛକମାନଙ୍କରେ ବଡ଼ ବଡ଼ ଗଣେଶ ପୂଜିତ ହୋଇଛନ୍ତି। ସେହିପରି ଏସସିଏସ କଲେଜ, ଶାହା କଲେଜ, ଓମେନ୍ସ କଲେଜ, ପୁରୀ କଲେଜ, ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀ ମହିଳା କଲେଜ, ଜିଲ୍ଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ସମେତ ବିଭିନ୍ନ ସ୍କୁଲ କଲେଜରେ ଗଜାନନ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହାସହ ନେବଳଦାସ ମଠ ସାରସ୍ୱତ ବିଦ୍ୟାନିକେତନ, ତପୋବନ ବିଦ୍ୟାନିକେତନ, ସୁଭଦ୍ରା ଟ୍ୟୁଟୋରିଆଲ,ବଚପନ ସ୍କୁଲ, ଆଚର୍ଯ୍ୟ ହରିହର ବିଦ୍ୟାପୀଠ, ବିନାୟକ ବିଦ୍ୟାମନ୍ଦିର, ମଧୁବନ ସରସ୍ୱତୀ ଶିଶୁମନ୍ଦିର, ଘୋଡ଼ାବଜାର ସରସ୍ୱତୀ ଶିଶୁମନ୍ଦିର, ନୀଳଚକ୍ର ୟୁଥ ଆସୋସିଏସନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନେ ପୁଷ୍ପାଞ୍ଜଳି ଦେବା ସହ ଗଣେଶଙ୍କ ନିକଟରେ ଚୂଡ଼ାଘଷା, ଖଇ, ସେଉ, ଅଙ୍ଗୁର, କଦଳୀ,ଲଡୁ, ନଡ଼ିଆ ଆଦି ଭୋଗ ପୂଜାର୍ଚ୍ଚନା କରିଥିଲେ। ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ସହ ଧୂପଦୀପ ଲଗାଯିବା ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ଶୁଦ୍ଧପୂତ ସହ ନୂତନବସ୍ତ୍ର ପରିଧାନ କରିଥିଲେ। ରଙ୍ଗୀନ ଆଲୋକମାଳା ସହ ସାଜସଜ୍ଜାରେ ଚମକୁଥିଲା ଗଣେଶଙ୍କ ପୂଜାସ୍ଥଳ।

## ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

ଘସିପୁରା,(ପି.ଏନ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ତରତରା ଛକ ନିକଟରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର ହୋଇଛି । ମୃତକ କମଳାକାନ୍ତ ଜେନା, ଓ ଲିଲି ଜେନା ଦଧିବାମନପୁର ଗାଁର ବୋଲି ସୂଚନା ମିଳିଛି । ସୂଚନା ଅନୁଯାୟୀ, ଉଭୟଙ୍କ ବିବାହ ଗତ ଜୁଲାଇ ମାସରେ ହେଉଥିବା ବେଳେ, କନ୍ୟା ନାବାଳିକା ହୋଇଥିବାରୁ ପୋଲିସ ବିବାହ ବନ୍ଦ କରିଥିଲା । ଗତ ୪ ଦିନ ପୂର୍ବେ ଉଭୟ ନିଖୋଜ ଥିଲେ । ବୁଧବାର ଦିନ ତରତରା ଛକ ନିକଟ ଏକ ଜଙ୍ଗଲିଆ ସ୍ଥାନରୁ ଝୁଲନ୍ତା ମୃତଦେହ କୁ ଦେଖି ସ୍ଥାନୀୟ ଲୋକ ଆନନ୍ଦପୁର ପୋଲିସ କୁ ଖବର ଦେଇଥିଲେ ।

## ଜୟପୁରରେ ସ୍ୱାୟତ ଶାସନ ଦିବସ ପାଳିତ

ଜୟପୁର, (ପି.ଏନ): ଜୟପୁର ପୌରପାଳିକାରେ ସ୍ୱାୟତ ଶାସନ ଦିବସ ପାଳିତ ହୋଇଛି । ଏନେଇ ଆଜି ପୌରପରିଷଦରେ ମୁଖ୍ୟ ଅତିଥି ଭାବେ ଜୟପୁର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯାଗ ଦେଇ ପତକା ଉତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍କ୍ଷ ବି ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ରହି ସ୍ୱାୟତ ଶାସନ ଦିବସ ପାଳନ କରାଯାଇଛି । ଚଳିତ ବର୍ଷ ସହରର ୨୮ଟି ୱାର୍ଡରେ ପତାକା ଉତୋଳନ ହେବା ପରେ ପରେ ପରିଷଦ ରେ ପତକା ଉତୋଳନ ହୋଇଥିଲା । ସହରରେ ଉନ୍ନତି କରଣ ହୋଇଥିବା ୩ଟି ମହାପୁରୁଷଙ୍କ ପ୍ରତିମୁର୍ତି ଉଦଘାଟନ କରିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି । କୋଭିଡ ହସପିଟାଲ ସମ୍ମୁଖରେ ଥିବା ସହିତ ଲକ୍ଷ୍ମଣ ନାୟକଙ୍କ ପ୍ରତିମୁର୍ତି ସ୍ଥାପନ ସହ ପରିସର ଉନ୍ନତି କରଣ, ଟାଉନ ହଲ ନିକଟରେ ଡଙ୍ଗା ଆକାରରେ ସଜ୍ଜିତ କରାଯାଇ ଗୋପବନ୍ଧୁ ଦାସଙ୍କ ପ୍ରତିମୁର୍ତି ସ୍ଥାପନ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗଜପତି ମହାରାଜା ଓ ପ୍ରଥମ ବିଧାୟକ ଲଛମନ ନାୟକଙ୍କ ପ୍ରତିମୂର୍ତି ର ଉନ୍ନତି କରଣର ଉଦଘାଟନ ହୋଇଛି । ସମସ୍ତ କାର୍ଯ୍ୟକ୍ରମର ବିଧାୟକ ବାହିନିପତିଙ୍କ ସହ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର ଯନ୍ତ୍ରୀ ବିଶ୍ୱନାଥ ପାତ୍ର ,ସମସ୍ତ କାଉନସିଲର, ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଜଣେ ନାବାଳିକାର ମୃତ୍ୟୁ

ମାଲକାନଗିରି,(ପି.ଏନ): ବଜ୍ରପାତ ଯୋଗୁଁ ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପୋଗୁରୁକୋଣ୍ଡା ଗ୍ରାମରେ ଜଣେ ୧ ୫ବର୍ଷ ର ନା ବାଳିକା ର ମୃତ୍ୟୁ ହୋଇଛି !ମିଳିଥିବା ସୂଚନା ଅନୁସାରେ ଉକ୍ତ ଗ୍ରାମର କସା ମାଡ଼ି ଙ୍କ ଝିଅ ସନି ମାଡ଼ି ଆଜି ଅପରାହ୍ନ ୩ ଟା ସମୟରେ ଗୋରୁ ଚରାଇ ନିଜ ଘରକୁ ଫେରୁଥିବାବେଳେ ହଟାତ ଘଡଘଡି ସହ ବର୍ଷା ହୋଇଥିଲା !ଫଳରେ ବଜ୍ରପାତ ହେବାରୁ ସନି ଘଟଣା ସ୍ଥଳରେ ମୃତୁ ହୋଇଥିଲା !

## ଦର୍ପଣ ତହସିଲ କାର୍ଯ୍ୟାଳୟରେ ଶ୍ରୀ ଗଣେଷ ପୂଜା ପାଳିତ



ଦର୍ପଣ,(ପି.ଏନ୍):ଦର୍ପଣ ତହସିଲ ପରିସରରେ ନିର୍ମିତ ଶ୍ରୀ ଗଣେଷ ମନ୍ଦିର ମଧ୍ୟରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପୂଜାର୍ଚ୍ଚନା କରାଯାଇ ଥିଲା। ବହୁ ବର୍ଷ ପୂର୍ବରୁ ଦର୍ପଣ ତହସିଲରେ ଥିବା ତହସିଲଦାର ସେଠାରେ ବିଘ୍ନ ବିନାଶକ ପ୍ରଭୁ ଶ୍ରୀ ଗଣେଷଙ୍କ ମନ୍ଦିର ସହିତ ପ୍ରତିମୂର୍ତି ପ୍ରତିଷ୍ଠା କରାଇଥିଲେ। ପ୍ରଭୁ ଶ୍ରୀ ଗଣେଷଙ୍କୁ ସାରା ରାଜ୍ୟର ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀମାନେ ନିଜର ବିଦ୍ୟା ପାଇଁ ପ୍ରଭୁଙ୍କୁ ପୂଜା କରି ଆର୍ଶିବାଦ ଭିକ୍ଷା କରିଥାନ୍ତି। ପ୍ରାକ୍ତନ ତହସିଲଦାର ଚିନ୍ତା କରିଥିଲେ ତହସିଲ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀମାନେ ବିଦ୍ୟା ଆହରଣ କରି ଚାକିରୀ କରିଛନ୍ତି। ଆହୁରୀ ମଧ୍ୟ ସେମାନେ ବିଦ୍ୟା ଓ ଜ୍ଞାନକୁ ଗ୍ରହଣ କରିବା ପାଇଁ ପ୍ରଭୁ ଶ୍ରୀ ଗଣେଷଙ୍କୁ ପ୍ରତ୍ୟେକ ଦିନ ଦର୍ଶନ କରି ଆର୍ଶିବାଦ ଭିକ୍ଷା କରିବେ। ସେ ନେଇ ତହସିଲଦାର ପ୍ରଦୀପ୍ କୁମାର ସେଠୀ କର୍ତାଭାବେ ଦାୟିତ୍ୱ ବହନ କରି ସଙ୍କଳ୍ପ କରିଥିଲେ। ବ୍ରାହ୍ମଣ ପୂର୍ଜାର୍ଚ୍ଚନା କରିଥିଲେ। ସେଠାରେ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ଅଭିଲିପ୍ସା ଦାସ, ଗଗନ ବିହାରୀ ଦାସ ସମେତ ତହସିଲ ଅଫିସର ସମସ୍ତ କର୍ମଚାରୀ ଓ ସମାଜସେବୀମାନେ ଯୋଗ ଦେଇଥିଲେ।

## ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ନୂଆଖାଇ ଭେଟଭାଟ ପାଳିତ



ଭୁବନେଶ୍ୱର,(ପି.ଏନ): ବହୁ ଧର୍ମ , ବହୁ ଜାତିକୁ ନେଇ ସାମାଜିକ କ୍ଷେତ୍ରରେ ପର୍ବ ପର୍ବାଣିର ସ୍ୱାତନ୍ତ୍ୟ ରହିଥିଲେ ହେଁ ବହୁତ୍ୱ ଓ ବିବିଧତ୍ୱ ମଧ୍ୟରେ ଏକତ୍ୱର ପ୍ରତିଷ୍ଠା ହେଉଛି ଏହାର ଲକ୍ଷ। ଏହି ବିବିଧ ଆଦର୍ଶ ଓ ମହତ୍ୱକୁ ନେଇ ପାଳିତ ହେଉଥିବା ପର୍ବଟି ହେଉଛି ନ୍ତନୂଆଖାଇ' ବୋଲି ମତବ୍ୟକ୍ତ କରଥିଲେ ଉତ୍କଳ ସମ୍ମିଳନୀର ବୟୋଜ୍ୟେଷ୍ଠ ଉପଦେଷ୍ଟା ପଦ୍ମଚରଣ ନାୟକ। ଆଜି କେନ୍ଦ୍ରିୟ କାର୍ଯ୍ୟାଳୟରେ ଉତ୍କଳ ସମ୍ମିଳନୀର ସଭାପତି ବିଭୁତି ମିଶ୍ରଙ୍କ ସଭାପତିତ୍ୱରେ ନୂଆଖାଇ ଭେଟଘାଟ ଉତ୍ସବରେ ମୂଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଯୁକ୍ତ ନାୟକ ଏହା କହିଥିଲେ। ଅନ୍ନର ମହତ୍ୱ ଅନିର୍ବଚନୀୟ ବେଦ କହେ କର୍ମରୁ ଯଜ୍ଞ, ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଅନ୍ନର ଉତ୍ପତି ଓ ଅନ୍ନରୁ ଜୀବର ସୃଷ୍ଟି। ସୁତରାଂ ମନୁଷ୍ୟ ମନରେ ଅନ୍ନବ୍ରହ୍ମ ଚେତନାର ଜାଗୃତିପରେ ନୂତନ ଅମଳ ଧାନରୁ ପ୍ରସ୍ତୁତ ଅନ୍ନ ଦେବ ଦେବୀଙ୍କୁ ଅର୍ପଣ କରି ସମସ୍ତେ ଏକତ୍ରିତ ହୋଇ ତାହାକୁ ଭକ୍ଷଣ କରବାହିଁ ନୂଆଖାଇର ପରମ୍ପରା। ବିଭିନ୍ନ ଧର୍ମରେ ଏହି ନୂଆଖାଇ ପର୍ବ ବିଭିନ୍ନ ଅଂଚଳର ତିଥି ବା ନକ୍ଷତ୍ର ଅନୁସାରେ ପାଳନ କରାଯାଇଥାଏ। ଏହି ପର୍ବ ଆମଭିତରେ ଭାଇଚାରାର ସେତୁ ପ୍ରତିଷ୍ଠା କରିଥାଏ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସରକାରଙ୍କର ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ କହିଥିଲେ। ନିଜ ନିଜଭିତରେ ଥିବା ସମସ୍ତ ଭେଦ ଭାବକୁ ଭୁଲିଯାଇ ମଧୁବାବୁଙ୍କ ଭାବଧାରାରେ ସମସ୍ତେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଦରକାର। ଏହି ନୂଆଖାଇ ଭେଟଭାଟ ସମାରୋହରେ ଉତ୍କଳ ସମ୍ମିଳନୀର ଡକ୍ଟର ସୁରେନ୍ଦ୍ର ମିଶ୍ର, ବିଚିତ୍ରାନନ୍ଦ ସାହୁ, ଦିଲ୍ଲିପ ଦାସବର୍ମା, ବାସନ୍ତୀ ତ୍ରିପାଠୀ,ରାମଶଙ୍କର, ଭୀମସେନ ପ୍ରଧାନ, ଉମାଶଙ୍କର ପ୍ରସାଦ, ସୁବ୍ରତ କୁମାର ମହାପାତ୍ର, ନିତ୍ୟାନନ୍ଦ ସାମନ୍ତରାୟ,ଡକ୍ଟର ରବିରଂଜନ ସାହୁ,ସୋଦାମିନୀ ସାମନ୍ତରାୟ, ଲକ୍ଷ୍ମୀକାନ୍ତ ପାଇକରାୟ, ବିଜୟ କୁମାର ପରିଡ଼ା, ପ୍ରଦୀପ ବେହେରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ମଧୁସୂଦନ ରାଓଙ୍କ ଫଟୋ ଚିତ୍ରରେ ମୂଖ୍ୟ ଅତିଥି ତଥା ମଂଚାସୀନ ସମସ୍ତ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ବ୍ୟକ୍ତ କରିଥିଲେ। ସମ୍ପାଦକ ଅଧିବକ୍ତା ବିଚିତ୍ର କୁମାର ବଡେଜନା ପ୍ରାରମ୍ଭିକ ବକ୍ତବ୍ୟ ଦେବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବାସନ୍ତୀ ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray